## ସଂକ୍ଷେପରେ

ମଦ ପିଇ ରାସ୍ତାରେ ଗଡ଼ିବା ଘଟଣା

### ନିଲମ୍ବିତ ହେଲେ ଶିକ୍ଷକ

**ବୁଗୁଡ଼ା,୧୨।୯(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ଲି ହାଇସ୍କୁଲର ସହକାରୀ ଶିକ୍ଷକ କୀର୍ତ୍ତିଚନ୍ଦ୍ର ଭୋଇ ବୁଧବାର ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଗଡିବା ଅଭିଯୋଗରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଗୁରୁବାର ତାଙ୍କୁ ନିଲମ୍ବିତ କରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅଫିସ ଅର୍ଡର ନଂ.୧୩୦୬୨ରେ ନିର୍ଦ୍ଦେଶନାମା ବିଡିଓ ଓ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଆସିଛି।

ବୁଧବାର ଶିକ୍ଷକ ଭୋଇ ସ୍କୁଲକୁ ଯାଇ ଅପରାହ୍ନରେ ଫେରିଥିଲେ। ପରେ ମଦ୍ୟପାନ କରି ରାସ୍ତାରେ ଗଡୁଥିବା ଦେଖାଯାଇଥିଲା। ଏନେଇ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଗୁରୁବାର ବିଭିନ୍ନ ଗଣ ମାଧମରେ ପ୍ରକାଶ ପାଇଥିଲା। ଏହା ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆସିଥିଲା । ତେଣୁ ସେ ଏହି ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ବୁଗୁଡ଼ା ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ଗୁରୁବାର ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କ ସହ କଥାବାର୍ତ୍ତା ହୋଇ ସ୍କୁଲକୁ ତଦନ୍ତ ପାଇଁ ଯାଇଥିଲେ। ଶିକ୍ଷକ ଭୋଇ ପୂର୍ବରୁ ମଧ ଶ୍ରେଣୀରେ ମଦ୍ୟପାନ କରି ପାଟିତୁଣ୍ଡ କରିବା ଘଟଣା ମଧ ଜାଣିବାକୁ ପାଇଥିଲେ ।

### ମହିଳା ନିଖୋଜ

**ହାତୀଓଟ,୧୨।୯:** ପୋଲସରା ଥାନା ରୁମାଗଡ ଗ୍ରାମ ମଝି ସାହିର ସୌଇନ୍ଦ୍ରୀ ଜେନା(୫୦)ଘରୁ କେଉଁଆଡେ ପଳାଇ ଯାଇଥିବା ନେଇ ପରିବାର ପକ୍ଷରୁ ପୋଲସରା ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକଙ୍କ କହିବାନୁସାରେ, ଅଗଷ୍ଟ ୨୪ ରେ ମହିଳା ଜଣକ ଘରେ କାହାକୁ ନ ଜଣାଇ କେଉଁଆଡେ ଚାଲି ଯାଇଛନ୍ତି । ସେ ନିଜର କୌଣସି ସମ୍ପର୍କୀୟ କିମ୍ବା ବନ୍ଧୁ ଘରକୁ ବୁଲି ଯାଇଥିବେ ବୋଲି ପରିବାର ଲୋକେ ଭାବିଥିଲେ। କିନ୍ତୁ ସୌଇନ୍ଦ୍ରୀ ଘରକୁ ନ ଫେରିବାରୁ ପରିବାର ଲୋକେ ସମସ୍ତ ବନ୍ଧୁବାନ୍ଧବଙ୍କ ସହ ଯୋଗାଯୋଗ କରିଥିଲେ । କୌଣସି ସନ୍ଧାନ ନ ମିଳିବାରୁ ଶେଷରେ ବାଧହୋଇ ତାଙ୍କ ପୁଅ ରବୀନ୍ଦ୍ର ସେହିଦିନ ରାତିରେ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ନଂ.୧୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନାହିଁ ।

### ସାପ କାମୁଡାରେ ଅଙ୍ଗନୱାଡି ସହାୟିକାଙ୍କ ମୃତ୍ୟୁ

**ବେଗୁନିଆପଡ଼ା,୧୨।୯(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ବଡ ଖଇରଖମା ପଞ୍ଚାୟତ କେ.ନୂଆପଲ୍ଲୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ଅଙ୍ଗନୱାଡି ସହାୟିକା ପ୍ରତିମା ପ୍ରଧାନଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ପ୍ରତିମା ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧୨ ବେଳେ ଏକ କଉଡିଆ ଚିତି କାମୁଡି ଥିଲା। ସେ ଚିତ୍କାର କରିବାରୁ ପରିବାର ଲୋକେ ଉଠି ସାପକୁ ଘଉଡାଇ ଥିଲେ। ପ୍ରତିମାଙ୍କୁ ପ୍ରଥମେ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ରାତି ଅଧରେ ହଷ୍ଟେଲରେ ଦୁଇ ଛାତ୍ରଙ୍କ ଗୁଣ୍ଡାରାଜ

**ପିଜି କାଉନସିଲ ଅଧକ୍ଷା, ୱାର୍ଡେନଙ୍କ ନିକଟରେ ଅଭିଯୋଗ**



ବ୍ରହ୍ମପୁର ଅଫିସ,୧୨।୯

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ବୁଧବାର ବିଳମ୍ବିତ ରାତିରେ ୨ ଜଣ ସ୍ନାତକୋତ୍ତର ଛାତ୍ର ନୂତନ ଛାତ୍ରାବାସକୁ ଯାଇ ର୍ୟାଗିଂ କରିବା ସହ ମାରଣାସ୍ତ୍ର ଧରି ଧମକଚମକ ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଗୁରୁବାର ସମସ୍ତ ହଷ୍ଟେଲର ଅନ୍ତେବାସୀମାନେ ୱାର୍ଡେନ ଓ ସ୍ନାତକୋତ୍ତର ପରିଷଦ ଅଧକ୍ଷାଙ୍କୁ ସାକ୍ଷତ କରି ଲିଖିତ ଭାବେ ଜଣାଇଛନ୍ତି ।

ଅନ୍ତେବାସୀଙ୍କ ଲିଖିତ ଅଭିଯୋଗ ପ୍ରକାରେ, ବୁଧବାର ରାତି ପ୍ରାୟ ୧୧.୩୦ରେ ପ୍ରଥମ ହଷ୍ଟେଲ ଋଷିକୁଲ୍ୟାର ୨ ସିନିୟର ଛାତ୍ର ତୃତୀୟ ହଷ୍ଟେଲ ନାଗାବଳୀକୁ ଯାଇ ନୂତନ ଭାବେ ନାମ ଲେଖାଇ ଥିବା ଛାତ୍ରଙ୍କୁ ର୍ୟାଗିଂ କରିଥିଲେ। ସେମାନଙ୍କୁ ଧମକାଇବା ସହ ହଷ୍ଟେଲ ଫାଟକ ଆଗରେ ମାରଣାସ୍ତ୍ର ଧରି ଜଗି ରହିଥିଲେ। ଖବରପାଇ ନବାଗତ ଛାତ୍ରଙ୍କୁ ସମର୍ଥନ କରିବାକୁ ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ଛାତ୍ରାବାସର ଅନ୍ତେବାସୀ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିବାକୁ ଯିବା ବେଳେ ଉକ୍ତ ୨ ଛାତ୍ର ସେମାନଙ୍କ ଉପରକୁ କାଚ ବୋତଲ ଫୋପାଡିବା ସହ ମାରିବାକୁ ଧମକ ଦେଇଥିବା ଅନ୍ତେବାସୀମାନେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରତ୍ୟେକ ଦିନ ଉକ୍ତ ଦୁଇ ଛାତ୍ର ଏପରି ହଷ୍ଟେଲରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ବାରମ୍ବାର ଉକ୍ତ ୨ ଛାତ୍ରଙ୍କ ବିରୋଧରେ ଅଭିଯୋଗ ହେବା ସତ୍ତ୍ୱେ ମଧ ସେମାନଙ୍କ ଉପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ଫଳରେ ଏପରି ଘଟଣା ଘଟୁଥିବା ଅନ୍ତେବାସୀମାନେ କହିଛନ୍ତି। ତୁରନ୍ତ ଉକ୍ତ ୨ ଛାତ୍ରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମସ୍ତ ହଷ୍ଟେଲ ଛାତ୍ରଙ୍କୁ ସୁରକ୍ଷା ଦେବା ନେଇ ଅନ୍ତେବାସୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଆଲୋଚନା ଏବଂ ଏହାର ପୁନରାବୃତ୍ତି ନ ହେବା ଦିଗରେ ପଦକ୍ଷେପ ନେବା ପାଇଁ ଗୁରୁବାର ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଠିତ ଶାନ୍ତି କମିଟି, ହଷ୍ଟେଲ ୱାର୍ଡେନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ, ସମସ୍ତ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଯୋଗଦେଇ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା, ବିଶୃଙ୍ଖଳା ରୋକିବା ଦିଗରେ ଆଲୋଚନା କରିଥିବା ଜଣାପଡିଛି । ହଷ୍ଟେଲ ଗୁଡିକର ସୁରକ୍ଷା ପାଇଁ କ୍ୟାମ୍ପସରେ ପୋଲିସ ମୃତୟନ ନେଇ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇବା ସହ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ରାତିରେ ହଷ୍ଟେଲ ପରିଦର୍ଶନ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି ।

# ମଧୁବୈଶ୍ୟ ସମାଜ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୧୨।୯

ବ୍ରହ୍ମପୁର ନିକଟ ନରେନ୍ଦ୍ରପୁର ଆଞ୍ଚଳିକ ମଧୁବୈଶ୍ୟ ସମାଜ ବାର୍ଷିକ ସମ୍ମିଳନୀ ସଭାପତି ଶଶୀଭୂଷଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାଜରୁ କୁ-ସଂସ୍କାର ଦୂର ଏବଂ ନିଶା ନିବାରଣ ଅଭିଯାନ ଚଳାଇବାର ନିଷ୍ପତ୍ତି ନିଆଯାଇଛି। କୁଳ ମହିଳା ଏବଂ ବାଳିକା, ବାଳକଙ୍କୁ ଶିକ୍ଷିତ କରିବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ବିଭିନ୍ନ ଆଲୋଚନାରେ କାର୍ଯ୍ୟକାରୀ ସଭାପତି ପୁରୁଷୋତ୍ତମ ବିଷୋୟୀ, ଉପସଭାପତି କୃଷ୍ଣଚନ୍ଦ୍ର ସାସମଲ, ସମ୍ପାଦକ ରାମଚନ୍ଦ୍ର ସାହୁ, ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ, ବଳରାମ ସାହୁ, ମଣ୍ଡଳ ଅଧିପତି ଭାସ୍କର ସାହୁ ଓ ସନ୍ତୋଷ ସାସମଲ ପ୍ରମୁଖ ଭାଗ ନେଇଥିଲେ। ନରେନ୍ଦ୍ରପୁର ତାଲୁକାର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ସମ୍ମିଳନୀରେ ଗଞ୍ଜାମ ଜିଲା ଉପସଭାପତି ଲୋକନାଥ ସାହୁ, ଆଇନ ପରାମର୍ଶଦାତା ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପଞ୍ଚମା ତାଲୁକା ସଭାପତି ବାଉରୀ ବନ୍ଧୁ ସାହୁ, ସମ୍ପାଦକ ବୃନ୍ଦାବନ ସାହୁ, ଗୋପାଳପୁର ତାଲୁକାର କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ଶିବ ଶଙ୍କର ସାହୁ, ରମେଶ ସାହୁ ଓ ବିଜୟ କୁମାର ସାହୁ ପ୍ରମୁଖ ମଧୁବୈଶ୍ୟ ସମାଜର ଆର୍ଥିକ ଓ ସାମାଜିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦନେଇ ବ୍ରହ୍ମପୁର, ନଗରଡ଼ିହ, କେଟି ନାରାୟଣପୁର, ଭିକାରୀପଲ୍ଲୀ, କେଉଟପଲ୍ଲୀ ଗ୍ରାମର ଜାତି ଭାଇମାନେ ସମ୍ମିଳନୀରେ ଯୋଗ ଦେଇଥିଲେ ।

# ସଚେତନତା ମାଧମରେ ପରିବର୍ତ୍ତନ ସମ୍ଭବ



ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ବିଧାୟକ ଚାରା ପ୍ରଦାନ କରୁଛନ୍ତି ।

ଗୋପାଳପୁର,୧୨।୯

ରଙ୍ଗେଇଲୁଣ୍ଡା ବ୍ଲକ ସଦ୍‌ଭାବନା କକ୍ଷରେ ଗୁରୁବାର ପୂର୍ବାହ୍ନରେ ବିଜୁ ଯୁବ ବାହିନୀ ଦ୍ୱାରା ଆୟୋଜିତ ସବୁଜ ବନାନୀ ସାମାଜିକ କାର୍ଯ୍ୟକ୍ରମକୁ ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ଯୋଗ ଦେଇଥିଲେ। ବିଧାୟକ ପାଣିଗ୍ରାହୀ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଓ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। କେତେଜଣ ଯୁବ ବାହିନୀ ସଦସ୍ୟ ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ କହିଥିଲେ, ବୁଦ୍ଧି, ବଳ ଓ ସଚେତନତା ମାଧମରେ ସମାଜରେ ପରିବର୍ତ୍ତନ ହୋଇଥାଏ। ଏହି ଅବସରରେ ସମସ୍ତ ସଦସ୍ୟଙ୍କୁ ବିଭିନ୍ନ କିସମର ଚାରା ପ୍ରଦାନ କରାଯାଇଥିଲା। ଏଥିରେ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଭେଙ୍କଟ ରାଉଳ, ସନ୍ତୋଷ କୁମାର ସାହୁ, ସମୀର ପଟ୍ଟନାୟକ, ରାଜେଶ୍ୱରୀ ଦୋରା, ସି.ଏଚ୍. ଭରତ ପାତ୍ର, ସିଏଚ୍ ଦିଲେଶ୍ୱର ରେଡ୍ଡୀ, ଆପନା ସେଠୀ, ସୁବାସ ମଣ୍ଡଳ, ମିଲେନ୍ଦ୍ର ପ୍ରଧାନ ଓ ମନମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧୁଣୀ ଦେବୀଙ୍କ ଭଜନ ସିଡୀ ଉନ୍ମୋଚିତ



କନ୍ଧୁଣୀ ଦେବୀଙ୍କ ଭଜନ ସିଡୀ ଉନ୍ମୋଚିତ ହେଉଛି ।

ବ୍ରହ୍ମପୁର ଅଫିସ,୧୨।୯

ମା'କନ୍ଧୁଣୀ ଦେବୀଙ୍କ କଣ୍ଟାପୀଡ଼ା ଯାତ୍ରା ଉପଲକ୍ଷେ ପିଆର୍ କ୍ରିଏସନ୍ସ ତରଫରୁ ଭଜନ କ୍ୟାସେଟ୍ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏହାକୁ ଉନ୍ମୋଚନ କରିଥିଲେ। କନ୍ଧୁଣୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଭଜନକୁ ପିଆର୍ କ୍ରିଏସନ୍ସ ମୁଖ୍ୟ ପୀତାମ୍ବର ଗୌଡ଼ ଏବଂ ଶିବାନୀ ମହାପାତ୍ର ଗାଇଛନ୍ତି। ସ୍ୱର ସଂଯୋଜନା ଦେଇଛନ୍ତି ସଞ୍ଜୟ କୁମାର ରାଉତ ଏବଂ ଗୀତିକାର ଅଛନ୍ତି ଜୀବନ ଓ ଶ୍ରୀଧର। ଏହାର ପ୍ରାଯୋଜକ କେଦାର ସାହୁ ଏବଂ ନୀଳାଞ୍ଚଳ ଗୌଡ଼ । ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ନୃତ୍ୟରେ ସଜାଇଛନ୍ତି ନୀର ଭାଇ। ଆସନ୍ତା ୧୫ତାରିଖରେ ମା'ଙ୍କ ଦ୍ୱିତୀୟ ଭଜନ ସିଡୀ ଉନ୍ମୋଚିତ ହେବ। ସଞ୍ଜୟ ଗୌଡ଼, ପ୍ରମୋଦ ଅଧିକାରୀ, ସଞ୍ଜୟ ମହାରଣା, ଦୁର୍ଗା ଚରଣ ଶତପଥୀ, କାଳୀ ସୁଆର, ଶ୍ରୀକାନ୍ତ ଗୌଡ଼, ସୀମାଞ୍ଚଳ ଗୌଡ଼ ଏବଂ ସନ୍ନ୍ୟାସୀ ଗୌଡ଼ ଏହାକୁ ପରିଚାଳନା କରିଥିଲେ ।

# କୋଟିପତି ଶିକ୍ଷକଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୧୨।୯

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କୋଟିପତି ଶିକ୍ଷକ ସଦାନନ୍ଦ ପାଢ଼ୀଙ୍କୁ ଗୁରୁବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ଜେନା ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଭିଜିଲାନ୍ସ ଇନ୍ସପେକ୍ଟର ସୋମନାଥ ବାରିକ ଗୁରୁବାର ଭିଜିଲାନ୍ସ କୋର୍ଟରେ ମାମଲାର କେସ୍ ଡ଼ାଏରୀ ଦାଖଲ କରିଥିଲେ । ଏହି ମାମଲାର ଜାମିନ ଆବେଦନର ଶୁଣାଣି ହୋଇଥିଲା। ଭିଜିଲାନ୍ସ ଜଜ୍ ଶୁଣାଣି କରି ଶିକ୍ଷକଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାଶ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ ।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଗଉଞ୍ଜୁ ବାଉରୀବନ୍ଧୁ ପାଳ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ପାଢ଼ୀ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ପାତ୍ର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ୪ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେମାନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୯୮ ଲକ୍ଷ ୭୫ ହଜାର ୬୭୯ ଟଙ୍କା ଆକଳନ କରାଯାଇଥିଲା। ସେଥିରୁ ୧ କୋଟି ୫୫ ଲକ୍ଷ ୧୯ ହଜାର ୨୬୧ ଟଙ୍କାର ହିସାବ ଦେଇପାରି ନ ଥିଲେ। ଫଳରେ ବ୍ରହ୍ମପୁର ଭିଜିଲାନ୍ସ ମାମଲା ନଂ. ୨୨/୧୯ରେ ଗତ ୩୦ ତାରିଖରେ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଶିକ୍ଷକ ପାଢ଼ୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବେଳେ ଗୁରୁବାର ସନ୍ଧ୍ୟାରେ ଜେଲରୁ ମୁକ୍ତିଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି।

# ଗାରିମା ପୁରସ୍କାର ପ୍ରଥମ ପର୍ଯ୍ୟାୟ ଆକଳନ



ତହସିଲଦାର ଗଦାଧର ପାତ୍ର ଓ ଅନ୍ୟମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଧରାକୋଟ,୧୨।୯(ଡି.ଏନ.ଏ.)

ଗାରିମା ପୁରସ୍କାର-୨୦୧୯ ଆକଳନ ପାଇଁ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଞ୍ଜାମ -ଖଲ୍ଲିକୋଟ ତରଫରୁ ପ୍ରଥମ ପର୍ଯ୍ୟାୟ ସର୍ବେକ୍ଷଣ ଗୁରୁବାର ଧରାକୋଟ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମେଧା ଆକଳନ କରାଯାଇଥିଲା। ଏହାକୁ ପରିଚାଳନା ପାଇଁ ଗଞ୍ଜାମ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଖଲ୍ଲିକୋଟର ପ୍ରଶିକ୍ଷାର୍ଥୀମାନଙ୍କୁ ନିୟୋଜିତ କରାଯାଇଥିଲା। ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ସମସ୍ତ ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ସ୍ଥାନୀୟ ତହସିଲଦାର ଗଦାଧର ପାତ୍ର, ଗଞ୍ଜାମ ଜିଲା ଶିକ୍ଷିକା ପ୍ରଶିକ୍ଷିକା ଜୟନ୍ତୀ ବେହେରା ଓ ଭୁବନେଶ୍ୱରୀ ମିଶ୍ର ପରୀକ୍ଷା କେନ୍ଦ୍ର ପରିଦର୍ଶନ ଓ ତଦାରଖ କରିଥିଲେ।

# ବୋମାମାଡ଼ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୨।୯

ଦାଦାବଟି ମାଗିବା ସହ ବ୍ୟବସାୟୀଙ୍କ ଉପରକୁ ବୋମାମାଡ ମାମଲାର ଶୁଣାଣି କରି ଅତିରିକ୍ତ ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟ (ଏସିଜେଏମ୍) ସରୋଜ କୁମାର ଦାସ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ କଂସାରି ସାହିର କାଳିଆ ପାତ୍ର ଓ ସେ ଅଭିଯୋଗକାରୀଙ୍କ ପୁତୁରା ଅଟନ୍ତି।

ପ୍ରକାଶ ଯେ, କାଳିଆ ତାଙ୍କ ଦାଦା ତଥା ବ୍ୟବସାୟୀ ଏସ୍.ସତ୍ୟନାରାୟଣ ପାତ୍ରଙ୍କୁ ୨୦୧୨ରେ ୧ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସତ୍ୟନାରାୟଣ ଏକଥା କାଳିଆଙ୍କ ମା'ଙ୍କୁ କହିଥିଲେ। ଏଥିରେ କାଳିଆ ରାଗିଯାଇ ୨୦୧୨ ଜୁଲାଇ ୨ ତାରିଖ ରାତିରେ ଗଣପତି ନଗରରେ ରହୁଥିବା ସତ୍ୟନାରାୟଣଙ୍କ ଘରକୁ ଯାଇଥିଲେ। ଘର ଦାଣ୍ଡରେ ସେ ଠିଆ ହୋଇଥିବା ବେଳେ କାଳିଆ ତାଙ୍କ ଉପରକୁ ବୋମାମାଡ କରିଥିଲେ। ପରେ ବ୍ୟବସାୟୀ ପାତ୍ର ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୧/୧୨ରେ ମାମଲା ରୁଜକରି କାଳିଆଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସେ ଜାମିନରେ ମୁକୁଳିଥିଲେ। ତତ୍କାଳୀନ ଏସ୍‌ଆଇ ଦୀପକ ଲେଙ୍କା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଗୁରୁବାର ଏହି ମାମଲାର ବିଚାର ବେଳେ ୧୨ ସାକ୍ଷୀଙ୍କ ବୟାନକୁ ଆଧାର କରି ଏସିଜେଏମ୍ ଦାସ କାଳିଆଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୟଦ ଇକ୍‌ବାଲ ଓ ସଞ୍ଜୀବ ବେହେରା ମକଦ୍ଦମା ପରିଚାଳନା କରିଥିଲେ।

# ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା ବୈଠକ

ବ୍ରହ୍ମପୁର ଅଫିସ୍,୧୨।୯

ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ ଏଥିରେ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ମହାନଗର ସମେତ ଉପଖଣ୍ଡର ସମସ୍ତ ବ୍ଲକ ରାସ୍ତା ମରାମତି, ସୁରକ୍ଷିତ ଯାତ୍ରା ପାଇଁ ହେଲମେଟ୍ ବ୍ୟବହାର କରିବା, ଗାଡ଼ି ଚାଳନା ସମୟରେ ମୋବାଇଲ୍ ବ୍ୟବହାର ନ କରିବା, ସିଟ୍‌ବେଲ୍ଟ ବାନ୍ଧିବା, ନିଶା ସେବନ ନ କରିବା, ଟ୍ରାଫିକ ନିୟମ ମାନିବା ଏବଂ ଗାଡ଼ିର ସମସ୍ତ କାଗଜପତ୍ର ସମେତ ଡ୍ରାଇଭିଂ ଲାଇସେନ୍ସ ପାଖରେ ରଖି ଗାଡ଼ି ଚଳାଇବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷକରି ସ୍କୁଲକୁ ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ଯାତାୟାତ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଆର୍‌ଟିଓ ସନାତନ ପଣ୍ଡା, ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତିଙ୍କ ସମେତ ବସ୍ ମାଲିକ ସଂଘ, ଅଟୋ ଚାଳକ ସଂଘ, ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସ୍କୁଲ ଓ କଲେଜ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ ।



ସଡ଼କ ସୁରକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

■ ସବ୍ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍

# ଗଞ୍ଜାମର ୨୦ଜଣିଆ ଦଳ ମନୋନୀତ

ବ୍ରହ୍ମପୁର ଅଫିସ୍,୧୨।୯

ଆସନ୍ତା ୧୪ ଏବଂ ୧୫ତାରିଖ ଦୁଇ ଦିନ ପର୍ଯ୍ୟନ୍ତ କଟକ ବିଡ଼ାନାସୀରେ ୨୬ତମ ସବ୍‌ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଗଞ୍ଜାମ ଜିଲାର ୨୦ଜଣିଆ ଦଳ ମନୋନୀତ ହୋଇଛନ୍ତି । ବାଳକରେ ୧୦ ଏବଂ ବାଳିକାରେ ୧୦ଜଣ ଖେଳାଳି ରହିଛନ୍ତି। ବାଳକ ଦଳରେ ଏମ୍.ପତିତପାବନ ପାତ୍ର, ଅଂଶୁମାନ ନାୟକ, ମୋହନ ରାଓ, ପ୍ରେମ କୁମାର ସେଠୀ, ଇ.ଜୟରାମ, ସିଏଚ୍. ଅନିଶ୍ ପ୍ରଧାନ, ପି.ହିମାଂଶୁ, ରୂପେଶ ପାଣିଗ୍ରାହୀ, ରୁଦ୍ର ପ୍ରସାଦ ମହାରଣା ଏବଂ ଅଙ୍କିତ କୁମାର ବେହେରା ରହିଛନ୍ତି । ସେହିଭଳି ବାଳିକା ଦଳରେ ଆଦିତି ଆଦ୍ୟା, ଗିତିକା ଦିଗାଲ, ଅନୁସ୍କା ଯାଦବ, କେ.ଏଲ୍. ପ୍ରବୀଣା, କେ.ଏଲ୍. ଭାବ୍‌ନା, ହର୍ଷିତା ଦ୍ୱିବେଦୀ, ସ୍ୱପ୍ନାରାଣୀ ମହାକୁଡ଼, ଆର୍. ପାର୍ବତୀ ରେଡ୍ଡୀ, ସ୍ମୃତି ନାହାକ ଏବଂ ପଲ୍ଲବୀ ରହିଛନ୍ତି। ବାଳିକା ଦଳର ମ୍ୟାନେଜର୍ ଭାବେ ପ୍ରିୟଦର୍ଶିନୀ ପ୍ରଧାନ, କୋଚ୍ ପ୍ରିୟତମା ଭୂୟାଁ ଏବଂ ବାଳକ ଦଳ ମ୍ୟାନେଜର୍ ଭାବେ ଆଶିଷ କୁମାର ସାହୁ ଓ କୋଚ୍ ଭାବେ ଏ.ଶିବା ରାଓ ଦଳ ସହ ଯାତ୍ରା କରିବେ। ଜିଲା ବଲ୍ ବ୍ୟାଡମିଣ୍ଟନ୍ ସଂଘ ସମ୍ପାଦକ ସଞ୍ଜୟ ବିଷୋୟୀ ଏବଂ ସଭାପତି ସଚ୍ଚିଦାନନ୍ଦ ଦାସ ଓ ଉପଦେଷ୍ଟା ପ୍ରକାଶ ପଣ୍ଡା ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।



ଗଞ୍ଜାମ ବଲ୍ ବ୍ୟାଡମିଣ୍ଟନ୍ ଦଳ ଖେଳାଳିମାନେ ।

## ସଂକ୍ଷେପରେ

### ମଦ ଜବତ, ୪ ଗିରଫ

ଦାରିଙ୍ଗବାଡ଼ି,୧୨।୯(ଡି.ଏନ.ଏ): ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ଗୁରୁବାର ଭୋରରେ ବିଭିନ୍ନ ସ୍ଥାନରେ ଚଢାଉ କରି ୯୨ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି। ଗିରଫମାନେ ହେଲେ ଶିବରାମ ସାହୁ, ଦୀନବନ୍ଧୁ ସାହୁ, ସନ୍ୟାସି ସାହୁ ଏବଂ ଅଜିତ ସାହୁ। ସେମାନଙ୍କ ନାମରେ ମାମଲା ନଂ.୮୮,୮୯,୯୦,୯୧/୧୯ରେ ୪ଟି ମାମଲା ରୁଜୁ କରାଯାଇଛି। ଆଇଆଇସି ମାଝୀଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଗୋପାଳକୃଷ୍ଣ ଆଗୁପାତ୍ର, ଅନିଲ କୁମାର ଦେବତ୍ତା ଏବଂ ସୌମ୍ୟରଞ୍ଜନ ଜେନା ଚଢାଉରେ ସାମିଲ ଥିଲେ।

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୨।୯(ଡି.ଏନ.ଏ.): ଦାରିଙ୍ଗବାଡ଼ି ବ୍ଲକ ମେରାମାହା ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ମଧ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାୟଗଡ଼ା ଜିଲା ଗୁଡାରୀ ବ୍ଲକ କଦମା ପଞ୍ଚାୟତର ମୁତ୍ରିତା ମୁତୁରାଙ୍ଗା। ଗୁରୁତର ଆହତ ହୋଇଛନ୍ତି ମିଙ୍ଗୁରୀ ମୁତୁରାଙ୍ଗା। କଦମା ପଞ୍ଚାୟତ କର୍ଲାଗୁଡ଼ା ଗ୍ରାମର ଆଦିଗା ମୁତୁରାଙ୍ଗା, ମୁତ୍ରିତା ମୁତୁରାଙ୍ଗା, ମିଙ୍ଗୁରୀ ମୁତୁରାଙ୍ଗା, ସୁନିଲ ମୁତୁରାଙ୍ଗା, କେତନ ମୁତୁରାଙ୍ଗା ଓ ସଞ୍ଜୁକ୍ତା ମୁତୁରାଙ୍ଗା ୨ଟି ବାଇକରେ ରାୟଗଡ଼ାରୁ ଦାରିଙ୍ଗବାଡ଼ି ଅଭିମୁଖେ ଯାଉଥିଲେ। ମେରାମାହା ଛକ ନିକଟରେ ରାସ୍ତା ଉପରକୁ ଏକ ବିଷଧର ସାପ ଚାଲିଆସିବାରୁ ଆଗରେ ଯାଉଥିବା ବାଇକ ବ୍ରେକ୍ ମାରିବାରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ବାଇକ ପଛରେ ବସିଥିବା ମୁତ୍ରିତା ଗୁରୁତର ଆହତ ହୋଇଥିଲେ। ପଛରେ ଆସୁଥିବା ବାଇକ ମଧ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବ୍ରାହ୍ମଣୀଗାଁ ଅଞ୍ଚଳରେ ବିଦ୍ୟୁତ୍ କିମ୍ବା ମୋବାଇଲ ସେବା ନଥିବାରୁ କୌଣସି ଆମ୍ବୁଲାନ୍ସ ଡକାଯାଇପାରିନଥିଲା। ବ୍ରାହ୍ମଣୀଗାଁ ପୋଲିସ ପହଞ୍ଚି ମୁତ୍ରିତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲକୁ ପଠାଇବାକୁ ଉଦ୍ୟମ କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରାଇଛି।

### ପୋଲରେ ପିଟିହେଲା ବାଇକ୍, ଜଣେ ମୃତ

ଚନ୍ଦ୍ରଗିରି,୧୨।୯(ଡି.ଏନ.ଏ.): ମୋହନା ଥାନା ଅନ୍ତର୍ଗତ ପତି ଗୋବିନ୍ଦପୁର ଗ୍ରାମ ନିକଟସ୍ଥ କିନିବିନି ପୋଲରେ ଏକ ବାଇକ ପିଟି ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ମୋହନା ଥାନା ବୁର୍ଜାଙ୍ଗ ଗ୍ରାମର ରମାକାନ୍ତ ମଲ୍ଲିକ। ଗୁରୁତର ଆହତ ପାତ୍ର ମଲିକ ମୋହନା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରମାକାନ୍ତ ଓ ପାତ୍ର ବାଇକ୍ ଯୋଗେ ମୋହନାରୁ କୁମାଙ୍ଗପଦର ଗାଁକୁ ଯାଉଥିଲେ। ବାଟରେ ଏକ ଟ୍ରାକ୍ଟରକୁ ଓଭରଟେକ କରୁଥିବା ବେଳେ ଭାରସାମ୍ୟ ହରାଇ ବାଇକ୍‌ଟି ପୋଲରେ ପିଟି ହୋଇଯାଇଥିଲା। ମୋହନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ତହସିଲଦାରଙ୍କ ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ ପରିଦର୍ଶନ

ଜଗନ୍ନାଥପ୍ରସାଦ,୧୨।୯(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ତହସିଲଦାର ବାସୁଦେବ ପାଣ୍ଡେ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଛାମଣ୍ଡା ନୋଡାଲ ବିଦ୍ୟାଳୟ ପରିଦର୍ଶନ କରିବା ସହ ଗ୍ରାମରେ ଥିବା ୩ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥାନ, ସମୟାନୁବର୍ତ୍ତିତା, ବିଦ୍ୟାଳୟର ପରିବେଶ, ଶିକ୍ଷାଦାନ ଓ ମଧାହ୍ନ ଭୋଜନରମାନ ଯାଞ୍ଚ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ ସମୟରେ ଟ୍ରାଫିକ ନିୟମ, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ, ଭଲ ପାଠ ପଢ଼ି ଦେଶ ଗଢ଼ିବା, ଯୋଗ ଶିକ୍ଷା, ନିଶାମୁକ୍ତ ଉପରେ ପରାମର୍ଶ ଦେଇଥିଲେ। ପରେ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ଛୋଟ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା ସହ ଶିଶୁମାନଙ୍କ ଉପସ୍ଥାନ, କେନ୍ଦ୍ରର ପରିବେଶ ଓ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ଶିକ୍ଷାଦାନ ପଦ୍ଧତି ଉପରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ଠାରୁ ପଚାରି ବୁଝିଥିଲେ। ଏହି ଅବସରରେ ଜଗନ୍ନାଥପ୍ରସାଦ ରାଜସ୍ୱ ନିରୀକ୍ଷକ ରବି ନାରାୟଣ ଦଳେଇ ଓ କମ୍ପ୍ୟୁଟର ପ୍ରୋଗ୍ରାମର ଗୋପାଳ ସାହୁ ସାମିଲ ଥିଲେ।

■ ୮ ବର୍ଷ ବିତିଲା

# ସ୍କୁଲ, ହଷ୍ଟେଲ ନିର୍ମାଣ କାର୍ଯ୍ୟ ସରୁନି

ଫିରିଙ୍ଗିଆ, ୧୨।୯

ଫିରିଙ୍ଗିଆ ବ୍ଲକ ଯାଜେଶପଙ୍ଗା ପଞ୍ଚାୟତ ବୁଡିପଡାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏକ ସ୍କୁଲ ଏବଂ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଚାଲିଛି। ୮ ବର୍ଷ ଧରି ଏହି କାର୍ଯ୍ୟ ଚାଲିଥିଲେ ମଧ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଛାତ୍ରୀଛାତ୍ରମାନେ ସୁଫଳ ପାଇପାରୁ ନାହାନ୍ତି। ଏଥିପାଇଁ ଅସନ୍ତୋଷ ବଢ଼ି ଚାଲିଛି ।

ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ୨୦୧୧ ମସିହାରୁ ବୁଡିପଡାରେ ଏକ ସେବାଶ୍ରମ ସହ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିପାଇଁ ୧ କୋଟି ୭୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା । ନବଦିଗନ୍ତ ଏହି ଟେଣ୍ଡର ପାଇ କାମ କରୁଥିଲା । ହେଲେ ଏହା ଚିଟ୍ ଫଣ୍ଡରେ ଫସିବା ପରେ କାମ



ଅସମ୍ପୂର୍ଣ୍ଣ ହଷ୍ଟେଲ ।



ଅସମ୍ପୂର୍ଣ୍ଣ ସ୍କୁଲ ।

ବନ୍ଦ ହୋଇଗଲା। ଏହାପରେ ବିଭାଗ କାମ କରିଥିଲା । ପର୍ଯ୍ୟାୟକ୍ରମେ ୨/୩ ଜଣ ଠିକାଦାର କାମ କରିଥିଲେ ମଧ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଶ୍ରେଣୀ ରହିବ। ହଷ୍ଟେଲରେ ୧୦୦ ଛାତ୍ରୀ ରହିବେ। ଏ ସମ୍ପର୍କରେ ସାମାଜିକ କର୍ମୀ ଅଙ୍ଗଦ ବେହେରା କହିଛନ୍ତି, ବହୁ ବର୍ଷ ହେଲା ସ୍କୁଲ କାମ ଆରମ୍ଭ ହୋଇଛି। ତାହା ସରୁନାହିଁ । କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ସ୍କୁଲ ଏବଂ ହଷ୍ଟେଲ କେଉଁ ଦିନ କାମରେ ଆସିବ ବୋଲି କହିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। କାମ ନ ସରିବାରୁ ସ୍କୁଲ ଖୋଲାଯାଇ ପାରିଲା ନାହିଁ। ଯଦି ବି କାମ ସାରିବେ ତାହାଲେ ଆସନ୍ତା ବର୍ଷ ପିଲାମାନେ ପଢ଼ିବେ । ବିଭାଗୀୟ ଅଧିକାରୀ କିପରି ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ତତ୍ପର ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି । ଏ ନେଇ ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୀୟ କୁମାର ପ୍ରଧାନ କହିଛନ୍ତି, କାମ ଶେଷ ପର୍ଯ୍ୟାୟରେ ରହିଛି । । ବର୍ଷା ପରେ କାମ ଆରମ୍ଭ ହେବ । ମାସେ ଭିତରେ କାମ ସରିବ। ବିଭିନ୍ନ ସମୟରେ ଅସୁବିଧା ହେତୁ କାମରେ ବିଳମ୍ୱ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣା ରୋକିବା ପାଇଁ ସଚେତନତା ଜରୁରୀ

ରାଇକିଆ,୧୨।୯(ଡ଼ି.ଏନ.ଏ)

ଦୁର୍ଘଟଣା ରୋକିବା ପାଇଁ ସତର୍କତା ଅବଲମ୍ବନ ସହ ସଚେତନତା ଜରୁରୀ। ଦେଶରେ ବର୍ଷକୁ ବର୍ଷ ଦୁର୍ଘଟଣାର ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ରୋକିବା ସେପ୍ଟେମ୍ବର ୧ ତରିଖରୁ ନୂଆ ମୋଟରଯାନ ଆଇନ ଲାଗୁ ହୋଇଛି। ଟ୍ରାଫିକ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ହେଉଛି। ଗାଡ଼ିଚାଳକ, ଗାଡ଼ିମାଲିକ, ଅଭିଭାବକ ମାନେ ସଚେତନ ରହିଲେ ଦୁର୍ଘଟଣା ହାର କମିବା ସହ ଜରିମାନାରୁ ମଧ ରକ୍ଷା ପାଇହେବ। ଗୁରୁବାର ରାଇକିଆ ଥାନା ପରିସରରେ ଟ୍ରାଫିକ ଆଇନ ସଚେତନତାକୁ ନେଇ ଆମ ପୋଲିସ କାର୍ଯ୍ୟକ୍ରମରେ ଏପରି ମତ ପ୍ରକାଶ ପାଇଛି । ଥାନା ଅଧିକାରୀ ଅଲେଖ ଗରଡ଼ିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ଜୀବନ ଜ୍ୟୋତି କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ ନାୟକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିଲେ । ଟ୍ରାଫିକ ସମସ୍ୟା ଆଲୋଚନା ହେବା ସହ ସୋସିଆଲ ମିଡ଼ିଆରେ ସୃଷ୍ଟି ହେଉଥିବା ଗୁଜବ ପ୍ରଚାର ନ କରିବା, ଗାଁଗୁଡିକରେ ଘଟୁଥିବା ଆପରାଧିକ କର୍ଯ୍ୟକଳାପର ଗାଁ କମିଟିରେ ସମାଧାନ ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ତୁରନ୍ତ ଥାନାକୁ ଜଣାଇବା, ଯେ କୌଣସି ଦୁର୍ଘଟଣା ଘଟିଲେ ତୁରନ୍ତ ଥାନାକୁ ଖବର ଦେବାକୁ ଥାନା ଅଧିକାରୀ କହିଥିଲେ। ବୈଠକରେ ଲୋକପ୍ରତିନିଧିଙ୍କ ସମେତ ରାଇକିଆ ମୋଟର ଚାଳକ ସଂଘ, ଅଟୋ ସଂଘର ସଦସ୍ୟ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନର ସଦସ୍ୟମାନେ।

# କୁଇ ସମାଜ ପକ୍ଷରୁ ଥାନା ଘେରାଉ

କ.ନୂଆଗାଁ, ୧୨।୯

କନ୍ଧମାଳ ଜିଲା କୁଇ ସମାଜ ପକ୍ଷରୁ ଗୁରୁବାର କ.ନୂଆଗାଁ ଥାନା ଘେରାଉ କରାଯାଇଥିଲା। କୁଡୁତୁଲି ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ମହାରଣା, ସହକାରୀ ଶିକ୍ଷକ ସଦାଶିବ ବେହେରା ଏବଂ ପି.ଇ.ଟି. ଶିକ୍ଷକ ସୁଶାନ୍ତ ବଳିୟାର ସିଂ ସେହି ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନୀତା ପ୍ରଧାନଙ୍କୁ ଦୁର୍ବ୍ୟବହାର କରିବା ସହ ଜାତିଆଣ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ସୁନୀତା ୨୬ ଅଗଷ୍ଟରେ କ.ନୂଆଗାଁ ଥାନାରେ ଏତଲା ଦେଇଥିଲେ, ହେଲେ ଅଭିଯୁକ୍ତମାନଙ୍କୁ ଗିରଫ କରାଗଲା ନାହିଁ। ତେଣୁ ଚଳିତ ମାସ ୨ ତାରିଖ ମଧରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ କୁଇ ସମାଜ ପ୍ରଶାସନକୁ ସମୟ ଦେଇଥିଲା। ମାତ୍ର ୧୨ ତାରିଖ ହୋଇଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ଗୁରୁବାର କୁଇ ସମାଜ ତରଫରୁ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ଓ ପୁରୁଷମାନେ ଗହଙ୍ଗିଆ ଯଜ୍ଞ ମଣ୍ଡପରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି କ.ନୂଆଗାଁ ଉଚ୍ଚ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରୁ ଫେରି କ.ନୂଆଗାଁ ଥାନା ଘେରାଉ କରିଥିଲେ। ୩ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଅଡି ବସିବା ସହ କିଛି ସମୟ ରାସ୍ତାରୋକୋ କରିଥିଲେ। ଫୁଲବାଣୀ ଡିଏସ୍‌ପି ସୂର୍ଯ୍ୟକାନ୍ତ ରାୟ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ସେ କହିଥିଲେ ସଦାଶିବ ବେହେରାଙ୍କୁ ନିଲମ୍ବିତ କରାଯାଇଛି, ପ୍ରଧାନ ଶିକ୍ଷକ ଓ ପିଇଟି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଡିଇଓ ଏବଂ ସରକାରଙ୍କ ନିକଟକୁ ସୁପାରିଶ କରାଯାଇଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ଜିଲାର ବିଭିନ୍ନ ବ୍ଲକରୁ କୁଇ ସମାଜର କର୍ମକର୍ତ୍ତା, ପ୍ରଦୀପ କହଁର, ପୁସାରା କହଁର, ସିନାଲା ପ୍ରଧାନ, ଲିଙ୍ଗ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଥାନା ଆଗରେ ମହିଳାମାନେ ବସିଛନ୍ତି।

### ଜଙ୍ଗଲରେ ଯୁବକଙ୍କ ଝୁଲନ୍ତା ମୃତଦେହ

ଶଙ୍କରାଖୋଲ,୧୨।୯(ଡି.ଏନ୍.ଏ.)

ଟିକାବାଲି ବ୍ଲକ ସାରଙ୍ଗଗଡ ଥାନା ଗୁଡ଼ିଗିଆ ପଞ୍ଚାୟତ ଜଲାଙ୍ଗିଆ ଗ୍ରାମ ନିକଟସ୍ଥ ସିଂଡିବାଲି ଜଙ୍ଗଲରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଗଛରେ ଝୁଲୁଥିବା ଗୁରୁବାର ଗ୍ରାମବାସୀ ଦେଖିଥିଲେ। ଏନେଇ ଗୁଡ଼ିଗିଆ ସରପଞ୍ଚ ହୃଦୟ ପ୍ରଧାନଙ୍କୁ ଜଣାଇଥିଲେ। ସରପଞ୍ଚ ପ୍ରଧାନ ଏନେଇ ସାରଙ୍ଗଗଡ ଥାନାକୁ ଖବର ଦେଇଥିଲେ ମଧ ଖବର ଲେଖାହେବା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚିନାହିଁ। ଯୁବକଙ୍କ ଦେହରେ କୌଣସି ବସ୍ତ୍ର ନଥିବାବେଳେ ମୁହଁ କପଡାରେ ବନ୍ଧା ଯାଇଛି। କେହି ତାଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅନୁମାନ କରାଯାଉଛି।

### ଅଟୋ ଧକ୍କାରେ ବ୍ୟବସାୟୀ ଗୁରୁତର

କୋଟଗଡ,୧୨।୯ (ଡି.ଏନ୍.ଏ.)

କୋଟଗଡ ଡାକ୍ତରଖାନା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଲୁନାକୁ ଅଟୋ ଦେବାରୁ ବ୍ୟବସାୟୀ ସୀମାଞ୍ଚଳ ପଣ୍ଡା ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲିଗୁଡା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଅଟୋ ସହ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ପ୍ରାଣୀ ରୋଗ ନିୟନ୍ତ୍ରଣ କର୍ମଶାଳା

ଜି.ଉଦୟଗିରି,୧୨।୯(ଡି.ଏନ.ଏ.)

ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରଠାରେ ବୁଧବାର ଜିଲା ପ୍ରାଣୀ ସମ୍ପଦ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ ଓ ରାଷ୍ଟ୍ରୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଉପଲକ୍ଷେ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମଥୁରାରେ ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମର ଉଦଘାଟନର ସିଧାପ୍ରସାରଣ ପରେ ଆଲୋଚନା ସଭା ଆରମ୍ଭ ହୋଇଥିଲା। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଣୀ ସମ୍ପଦର ସୁରକ୍ଷା ଓ ଏହାର ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା. ରାଜେନ୍ଦ୍ର ପ୍ରସାଦ ସାମନ୍ତରାୟ ବ୍ୟବସାୟିକ ଭିତ୍ତିରେ ପଶୁପାଳନ କରିବାକୁ ପରାମର୍ଶ ଦେଇଥିଲେ । ଡ଼. ରଞ୍ଜନ କୁମାର ସାହୁ କୃତ୍ରିମ ପ୍ରଜନନ ଉପରେ କହିଥିଲେ । କୃଷି ଗବେଷଣା ଅନୁଷ୍ଠାନର ସହଯୋଗୀ ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ଦେବତା, ଗୋ ସମ୍ପଦର ରକ୍ଷଣାବେକ୍ଷଣ ସମ୍ପର୍କରେ କହିଥିଲେ । ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଅଳକା ପଟ୍ଟନାୟକ, ଡ. ଶ୍ରୀପତି ସେଠୀ, ଡ. ସବୀର କୁମାର ପ୍ରଧାନ, ଡ. ବିମଳ ଚୌଧୁରୀଙ୍କ ସମେତ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସାଧିକାରୀ ପରିଚାଳନା କରିଥିଲେ । ଜିଲାର ୧୨ ବ୍ଲକରୁ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ଭାଗ ନେଇଥିଲେ ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ମିଳୁନି ମଜୁରି

ଫୁଲବାଣୀ ଅଫିସ, ୧୨।୯

କୋଟଗଡ ବ୍ଲକ ପାରିଗଡ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଏକ କାର୍ଯ୍ୟରେ ନିୟୋଜିତ ଶ୍ରମିକ ସେମାନଙ୍କ ପାରିଶ୍ରମିକ ପାଇନାହାନ୍ତି। ଯାହାକୁ ନେଇ ସେମାନଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପାରିଶ୍ରମିକ କିଭଳି ମିଳିବ ସେଥିପାଇଁ ସରପଞ୍ଚ ସହଯୋଗ କରୁ ନାହାନ୍ତି। ଫଳରେ ବିଲ୍ ହୋଇପାରୁନାହିଁ କି ଟଙ୍କା ମିଳିପାରୁନି ବୋଲି ହିତାଧିକାରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଗୁଡୁମିଲା ରାଜସ୍ୱ ଗ୍ରାମରେ ଗୁଡୁମିଲାଠାରୁ ବୁଡାମାହା ପର୍ଯ୍ୟନ୍ତ ଏକ କେନାଲରେ ମାଟି କାମ ହୋଇଥିଲା । ଯାହାର ଅଟକଳ ମୂଲ୍ୟ ୩ ଲକ୍ଷ ଟଙ୍କା ଥିଲା । ୨୦ ଶ୍ରମିକ ଏହି କାମରେ ଲାଗିଥିଲେ । ୨୪ ଦିନରେ ୩୦୦୦ ଫୁଟ ଲମ୍ୱ, ୫ ଫୁଟ ଓସାର ଏବଂ ୩ ଫୁଟ ଗଭୀର କାମ ହୋଇଥିଲା । ପାରିଶ୍ରମିକ ବାବଦରେ ପ୍ରାୟ ୮୫ ହଜାର ଟଙ୍କା ହେଉଛି । ବିଲ୍ କରିବାକୁ ସରପଞ୍ଚଙ୍କୁ ବାରମ୍ବାର କହିଥିଲେ ମଧ ସେ କିଛି ଶୁଣୁ ନାହାନ୍ତି। ତେଣୁ ଆମେ ଆମ ପାରିଶ୍ରମିକ ପାଇପାରୁନୁ ବୋଲି ଶ୍ରମିକ ବୃଶାନ୍ତ ପାଟମାଝି, ପ୍ରଭାତ ପାଟମାଝି, ଗ୍ରାମ ସଂଯୋଜକ କୁସୁଲା ପାଟମାଝି ପ୍ରମୁଖ ପ୍ରକାଶ କରିଛନ୍ତି। ତୁରନ୍ତ ମଜୁରି ପ୍ରଦାନ କରିବାକୁ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଜି.ଉଦୟଗିରି,୧୨।୯(ଡି.ଏନ.ଏ.)

ଜି.ଉଦୟଗିରି ହବାକ୍ ହାଇସ୍କୁଲ ଖେଳ ପଡ଼ିଆରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜି.ଉଦୟଗିରି ବିଇଓ ପ୍ରମୋଦ କୁମାର ମଲିକ ଏହାକୁ ଉଦ୍‌ଘାଟନ କରିବା ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖୋଖୋ, କବାଡ଼ି, କ୍ରିକେଟ, ଭଲିବଲ, ଚେସ୍, ଆଥଲେଟିକ୍ ପ୍ରତିଯୋଗିତା ଉଭୟ ବାଳିକା ଓ ବାଳକମାନଙ୍କ ମଧରେ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ଜିଲାସ୍ତରକୁ ମନୋନିତ କରାଯାଇଥିଲା । ବ୍ଲକର ୧୮ ବିଦ୍ୟାଳୟରୁ ଦୁଇ ଶହ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏବିଇଓ ମିହିର କାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ସାହୁ, ଶାନ୍ତନୁ ପ୍ରଧାନ, ସତ୍ୟବ୍ରତ କର୍ଣ୍ଣ, ସନ୍ତୋଷ ପୃଷ୍ଟି, ରେଣୁବାଳା ପ୍ରଧାନ, ବାଞ୍ଛାନିଧି ପାଢ଼ୀ, ସୁରେଶ ସାହୁ, ନିରାକାର ସୁବୁଦ୍ଧି ଓ ଅନିତା ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ ।



କ୍ରୀଡ଼ା ପ୍ରତିଯୋଗିତା ଚାଲିଛି।

■ ବର୍ଷାରେ ଭାଙ୍ଗିଲା ଘର

# ପର ବାରଣ୍ଡାରେ ଦମ୍ପତି

କୋଟଗଡ,୧୨।୯(ଡି.ଏନ.ଏ.)

କୋଟଗଡ ବ୍ଲକ ଜୁଡାବାଲି ପଞ୍ଚାୟତ ଗୁମପଦର ଗ୍ରାମ ପାଇନା ମଲିକ (୬୦)ଙ୍କ ଘର ଗତ ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ତେଣୁ ସ୍ତ୍ରୀଙ୍କ ସହ ପାଇନା ଅନ୍ୟ ଜଣକ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ପାଇନା ଗରିବ ଶ୍ରେଣୀର ହୋଇଥିଲେ ମଧ ସରକାରଙ୍କ ତରଫରୁ ଘର ଖଣ୍ଡେ ମିଳିନାହିଁ। ଝିକରଛପରରେ ନିର୍ମିତ କଚ୍ଚା ଘରେ ଦମ୍ପତି ଦିନ କାଟୁଥିଲେ। ତାହା ଏବେ ମାଟିରେ ମିଶିଯିବାରୁ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷରେ ପାଇନାଙ୍କ ଝିଅ ପୁଅ ନ ଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତା ମଧ ପାଉନାହାନ୍ତି। ପୁଣି ଘର ଖଣ୍ଡେ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏ ନେଇ କୋଟଗଡ ତହସିଲଦାର ଲକ୍ଷ୍ମଣ ସୁରେନ୍‌ଙ୍କୁ ପଚାରିବାରୁ ଯଦି ଘର ଭାଙ୍ଗିଯାଇଛି ପଲଥିନ ଯୋଗାଇ ଦିଆଯିବ। ବିଡିଓଙ୍କୁ କହି ପାଇନାଙ୍କୁ ଏକ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ସ୍ତ୍ରୀଙ୍କ ସହ ପାଇନା।

■ ବ୍ଲକସ୍ତରୀୟ କ୍ରୀଡ଼ା, ଖେଳ ପ୍ରତିଯୋଗିତା

# ୩୪ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ

ଦାରିଙ୍ଗବାଡ଼ି,୧୨।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ଓ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ସାମୁହିକ ପରେଡରେ ବିଧାୟକ ଅଭିବାଦନ ଗ୍ରହଣ କରିବା ସହ କ୍ରୀଡା ମଶାଲ ସ୍ଥାପନ କରିଥିଲେ। ପରେ କ୍ରୀଡା ପତକା ଉତ୍ତୋଳନ କରି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରଙ୍କ ଉତ୍ତମ ସମ୍ପର୍କ ରହିଲେ ଶିକ୍ଷା ଓ କ୍ରୀଡ଼ାର ବିକାଶ ହୋଇପାରିବ ବୋଲି କହିଥିଲେ। ଖେଳ ଓ କ୍ରୀଡ଼ା ସଂଘର ସଭାପତି ତଥା ବିଇଓ ବ୍ରହ୍ମାନନ୍ଦ ରାଉତ କ୍ରୀଡ଼ା ମାଧମରେ ଶରୀରକୁ ଫିଟ ରଖିପାରିବା ସହ ମାନସିକ ଶାନ୍ତି, ଶିକ୍ଷାର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧରେ ଏବିଇଓ ଦାସରଥୀ ମହାରଣା, ସୁବାସିନୀ ଦିଗାଳ, ଶିକ୍ଷକ ସଂଘ ସମ୍ପାଦକ ବିଦେଶୀ ନାୟକ, ବିଦ୍ୟାଳୟର ଅଧକ୍ଷ ଶିବ ସେଠି, କ୍ରୀଡ଼ାବିତ୍ ବିଦ୍ୟାଧର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡ଼ି ତହସିଲଦାର ନୀତିଶ ତ୍ରିପାଠୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରୁ ମୋଟ ୩୪ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଖେଳ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ସିଆରସିସି ଶ୍ୟାମସୁନ୍ଦର ଦିଗାଳ, ବିଧୁଭୂଷଣ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ସାଲୁଗା ପ୍ରଧାନ ଓ ଅନ୍ୟମାନେ।

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର

**ଶେରଗଡ,୧୨।୯(ଡି.ଏନ.ଏ.):** ଶେରଗଡସ୍ଥିତ ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚବିଦ୍ୟାଳୟରେ ଆତ୍ମସୁରକ୍ଷା କୌଶଳ ତାଲିମ କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଯାଇଛି । ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମୀନାରାୟଣ କର ଏହାର ଶୁଭାରମ୍ଭ କରିଥିବାବେଳେ ନୋଡାଲ ଅଧିକାରୀ ନବୀନ ଚନ୍ଦ୍ର ପାଢୀ, ପ୍ରକାଶ ଚନ୍ଦ୍ର ଜାନୀ ଯୋଗଦେଇ ଆତ୍ମ ସୁରକ୍ଷା କୌଶଳ ତାଲିମର ନିହାତି ଆବଶ୍ୟକତା ରହିଛି, ଠିକ ଭାବେ ତାଲିମନେଇ ନିଜ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ଉପଯୁକ୍ତ ତାଲିମ ଦେଇପାରିଲେ ଏହାର ସଫଳତା ମିଳିବ ବୋଲି ଅତିଥିମାନେ କହିଥିଲେ। ଶେରଗଡ ବ୍ଲକର ୧୬ ଉଚ୍ଚ ବିଦ୍ୟାଳୟର ମୋଟ ୬୬ ଜଣ ନବମ ଦଶମ ଶ୍ରେଣୀର ଛାତ୍ରୀ ଯୋଗଦେଇ ତାଲିମ ନେଇଥିଲେ। ତାଲିମଦାତା ଭାବେ ସୁଦେଷ୍ଣା ବେହେରା, ଶଶି ଭୂୟାଁ, ମଞ୍ଜୁ ଭୂୟାଁ, ସୁଚିସ୍ମିତା ସାହୁ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାମଲ ସଂଯୋଜନା କରିଥିଲେ।

### ମଧୁମେହ, ରକ୍ତଚାପ ପରୀକ୍ଷା ଶିବିର

**ଗୋପାଳପୁର,୧୨।୯:** ଗୋପାଳପୁର ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ମଧୁମେହ ଓ ରକ୍ତଚାପ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁମେହ ବିଶେଷଜ୍ଞ ଡ଼ା. ସୁନୀଲ କୋଟା, ଏମ୍‌କେସିଜି ଡ଼ାକ୍ତର ବିନାୟକ ମହାପାତ୍ର, ଡ଼ା. ଦୁର୍ଗା ପ୍ରସାଦ, ଡ଼ା. ଗୋବିନ୍ଦ ପାତ୍ର ଓ ଡ଼ା. ସୂର୍ଯ୍ୟ ନାରାୟଣ ପରିଡ଼ା ଯୋଗ ଦେଇଥିଲେ । ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷଙ୍କ ମଧୁମେହ ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା। ରକ୍ତଚାପ ଓ ମଧୁମେହକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା କରାଯିବା ସହ ମଦ୍ୟପାନ ଓ ଧୂମପାନ ନ କରିବାକୁ ଉପସ୍ଥିତ ଡ଼ାକ୍ତର ସଚେତନ କରାଇଥିଲେ । ଏହି ଅବସରରେ ଭିକାରି ସାହୁ, ଚଣ୍ଡୀପ୍ରସାଦ ବେହେରା, ରମିଳା ଦାଶ, ଅନିତା ପାତ୍ର, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ରଘୁନାଥ ବେହେରା ଓ ପି. ସୁଜାତା ପ୍ରମୁଖ ଉପସ୍ଥିତ ଥିଲେ ।

### ୫୩ ହେଲେ ବୀମା ଯୋଜନାରେ ଅନ୍ତର୍ଭୁକ୍ତ

**ଜେକେପୁର,୧୨।୯:** ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଲାଗି ଜେକେ କାଗଜକଲର ସାମାଜିକ ଦାୟିତ୍ୱବୋଧ ପରିଚାଳନା କରୁଥିବା ସଂଗଠନ ସ୍ୱର୍ଣ ମାଧ୍ୟମରେ ଏକ ଅଭିଯାନ ଗୁରୁବାର ବଡ଼ଚାନ୍ଦିଲି ଗ୍ରାମରୁ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ଆଇଓବି ବ୍ୟାଙ୍କର ଶାଖା ପରିଚାଳକ ରବୀନ୍ଦ୍ର ମାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୫୩ ଜଣଙ୍କୁ ଏହି ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ସ୍ୱର୍ଣ ଦ୍ୱାରା ପରିଚାଳିତ ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଏହି ବୀମା ଦ୍ୱୟରେ ଅନ୍ତର୍ଭୁକ୍ତ କରାଯିବ । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଣର ମନୋଜ କୁମାର ଯାଦବ, ରଞ୍ଜିତ ବେହୁରା ପରିଚାଳନା କରିଥିଲେ ।

## ଗୋରୁ, ମଇଁଷି ଟ୍ୟାଗିଂ ପ୍ରକ୍ରିୟାକୁ ପୂରିଲାଣି ୨ମାସ

# ଅବାଧରେ ବୁଲୁଛନ୍ତି, ଲାଗୁନି ରୋକ

**ବ୍ରହ୍ମପୁର ଅଫିସ,୧୨।୯**

ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା ସୁଧାରିବା ଦିଗରେ ମହାନଗର ନିଗମ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି । ଗତ ଜୁଲାଇରେ ଟ୍ରାଫିକ ସମସ୍ୟାର ମୁଖ୍ୟ ପ୍ରତିବନ୍ଧକ ତଥା ବୁଲା ଗୋରୁଙ୍କ ଅବାଧ ବିଚରଣକୁ ରୋକିବା ଦିଗରେ ପଦକ୍ଷେପ ନିଆଯାଇଥିଲା । ଇତିମଧ୍ୟରେ ଏହାର ୨ ମାସ ବିତିଥିଲେ ମଧ୍ୟ ଟ୍ୟାଗିଂ ହୋଇଥିବା ଗୋରୁଙ୍କ ଅବାଧ ବିଚରଣ ଉପରେ ରୋକ ଲଗାଯାଇ ପାରି ନ ଥିବା ଅଭିଯୋଗ ହୋଇଛି । ଫଳରେ ଟ୍ୟାଗିଂ ହୋଇଥିବା ଗୋରୁ ରାସ୍ତାରେ ଅବାଧରେ ବିଚରଣ କରୁଥିବା ଦେଖିବାକୁ ମିଳୁଛି। ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି । ଏମାନଙ୍କ ଉପରେ ରୋକ ଲଗାଯାଉନି।

ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବୁଲା ଗୋରୁ ସହର ମୁଖ୍ୟରାସ୍ତାରେଅବାଧବିଚରଣକୁରୋକିବା ଦିଗରେ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସହରର ବିଭିନ୍ନ


ବିଜିପୁର ଛକରେ ବୁଲା ଗୋରୁ।

ଅଞ୍ଚଳରେ ଗୋପାଳକମାନେ ନିଜର ଗୋରୁଙ୍କୁ ରଖିବା ପରିବର୍ତ୍ତେ ଛାଡୁଥିବା ନେଇ ବହୁବାର ଅଭିଯୋଗ ହୋଇଥିଲା। ପରେ ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳର ଛକ, ମୁଖ୍ୟରାସ୍ତାରେ ବୁଲୁଥିବା ଗୋରୁଙ୍କୁ ଟ୍ୟାଗିଂ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଜୁଲାଇ ୧ରୁ ପ୍ରାଣୀଧନ ଚିକିତ୍ସା ବିଭାଗ ସହଯୋଗରେ ଟ୍ୟାଗିଂ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରତ୍ୟେକ ୱାର୍ଡର ବୁଲା ଗୋରୁ ଓ ମଇଁଷିଙ୍କୁ ଚିହ୍ନଟ କରି ୧୧ ସଂଖ୍ୟା ବିଶିଷ୍ଟ ସ୍ୱତନ୍ତ୍ର ପରିଚୟ ନମ୍ବର ଥିବା ଟ୍ୟାଗକୁ ସେମାନଙ୍କ କାନରେ ଖଞ୍ଜା ଯାଇଥିଲା । ଏହି ନମ୍ବର ସହ ଗୋରୁ, ମଇଁଷି ମାଲିକଙ୍କ ନାମ ଠିକଣା ସଂଯୋଗ କରାଯାଇ ରାସ୍ତାରେ ବୁଲିବାର ବାର ଦେଖିବାକୁ ମିଳିଲେ ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚାଯାଇଥିଲା। ଏଥିସହ ଦ୍ୱିତୀୟ ଥର ଗୋରୁ ଓ ମଇଁଷିଙ୍କୁ ରାସ୍ତାରେ

**ବଢୁଛି ଟ୍ରାଫିକ ସମସ୍ୟା**

ଛାଡିଲେ ଉକ୍ତ ପ୍ରାଣୀଙ୍କୁ ଚାଷୀ ତଥା ଗୋପାଳକଙ୍କୁ ଦାନ କରାଯିବ । ଗୋରୁ ଓ ମଇଁଷିଙ୍କ ଟ୍ୟାଗିଂ ପ୍ରକ୍ରିୟା ଶେଷ ହେବା ପରେ ଏକ ବାଇ-ଲ ପ୍ରସ୍ତୁତ କରାଯାଇ ଜରିମାନା ଆଦାୟ ଓ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ଇତିମଧ୍ୟରେ ୨ ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ଟ୍ୟାଗିଂ ହୋଇଥିବା ଗୋରୁ, ମଇଁଷିଙ୍କ ବିଚରଣକୁ ରୋକିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ନ ହେବା ଫଳରେ ଟ୍ରାଫିକ୍ ସମସ୍ୟା ସହ ଯାତାୟାତରେ ଅସୁବିଧା ହେଉଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି। ବୁଧବାରଠାରୁ ରାସ୍ତାରେ ବୁଲୁଥିବା ଗୋରୁଗାଈ, ମଇଁଷିଙ୍କୁ ଉଠାଇବା ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି ।

# ସ୍କାଉଟ ଦୀକ୍ଷା ଗ୍ରହଣ ଉତ୍ସବ


ସ୍କାଉଟ ଦୀକ୍ଷା ଗ୍ରହଣ ଉତ୍ସବ।

**ଧରାକୋଟ,୧୨।୯(ଡି.ଏନ.ଏ.)**

ଧରାକୋଟ ବ୍ଲକ ଜଗମୋହନସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କାଉଟ ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାଳୀ ପ୍ରସାଦ ଉଦ୍‌ଗାତା ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ। ସ୍କାଉଟ ଜିଲା ସଂଗଠନ କମିଶନର ରାମହରି ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସ୍କାଉଟ ଗାଇଡ୍‌ମାନଙ୍କୁ ଦୀକ୍ଷା ଗ୍ରହଣ କରାଇଥିଲେ। ବିଦ୍ୟାଳୟର ୧୮ ଜଣ ସ୍କାଉଟ ଗାଇଡ୍ ନୂତନ ଭାବେ ଯୋଗଦେଇ ଦେଶସେବାରେ ନିଜକୁ ନିୟୋଜିତ କରିବା ପାଇଁ ଦୀକ୍ଷାନ୍ତ ଶପଥ ନେଇଥିଲେ। ଏହାସହ ଗାଇଡ଼ ଛାତ୍ରମାନଙ୍କ ଦ୍ୱାରା ବୃକ୍ଷରୋପଣ ଓ ପ୍ଲାଷ୍ଟିକ ବର୍ଜନ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ସ୍କାଉଟ ଶିକ୍ଷକ ଶୁଭେନ୍ଦୁ କୁମାର ମିଶ୍ର ଦୀକ୍ଷା ଗ୍ରହଣ ଉତ୍ସବ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଲ୍ଲଭ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ପିପୁଲ୍ଲି କଲେଜ ପରିଦର୍ଶନ


୩ଜଣିଆ ଟିମ୍ ସହ କଲେଜ ଅଧାପକ ଓ ଅଧକ୍ଷ।

**ବୁଗୁଡ଼ା,୧୨।୯(ଡି.ଏନ.ଏ.)**

ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସହ ଏକ ତିନିଜଣିଆ ଟିମ ବୁଗୁଡ଼ା ପିପୁଲ୍ଲି କଲେଜ ପରିଦର୍ଶନ କରିଛନ୍ତି। ଉକ୍ତ ୩ଜଣିଆ ଟିମ୍ ପିପୁଲ୍ଲି କଲେଜର ଡିଗ୍ରୀ ବିଜ୍ଞାନ ବିଭାଗର ବର୍ଦ୍ଧିତ ୧୯୬ ସିଟ୍‌ର ସ୍ଥାୟୀ ସ୍ୱୀକୃତି ପ୍ରଦାନ ପାଇଁ ଯାଞ୍ଚ କରିଥିଲେ। ଏଥିସକାଶେ ଆବଶ୍ୟକୀୟ ଦରକାରୀ କାଗଜପତ୍ର, ବିଜ୍ଞାନ ସରଞ୍ଜାମ, ପାଠ୍ୟ ପୁସ୍ତକ ଉପକରଣ, ପ୍ରୟୋଗଶାଳା ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ଉକ୍ତ ୩ଜଣିଆ ଟିମ ସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ଉକ୍ତ ଟିମରେ ନିର୍ଦ୍ଦେଶକ ଡ. ତ୍ରିପାଠୀଙ୍କ ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଡ. ବାମାକାନ୍ତ ଗଡ଼ନାୟକ ଓ ପଦାର୍ଥ ବିଜ୍ଞାନ ବିଭାଗର ଡ. ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଏହିଟିମ କଲେଜର ଅଧକ୍ଷ ତଥା ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ରଜନୀକାନ୍ତ ଦାଶ, ରାମକୃଷ୍ଣ ନାୟକ, ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ. ଜୟରାମ ବିଷୋୟୀ, ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ମନୋଜ କୁମାର ଦାଶ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସୁଶାନ୍ତ କୁମାର ସାହୁଙ୍କ ସମେତ ହରିକୃଷ୍ଣ ନାୟକ, ଡ. ପ୍ରଦୀପ କୁମାର ଦାଶ, ସୁଦର୍ଶନ ସ୍ୱାଇଁ ଓ କିଶୋର ଚନ୍ଦ୍ର ପଣ୍ଡାଙ୍କ ସହ ଆଲୋଚନା କରିଥିଲେ।

### କିଡ୍‌ନୀ ରୋଗରେ ଆକ୍ରାନ୍ତ ଝିଅ ଅସହାୟ ଅବସ୍ଥାରେ ମା' ବାପା

**ଗୋଷାଣୀ୧୨।୯(ସ୍ୱ.ପ୍ର.)**

ଗୋଷାଣୀ ବ୍ଲକ୍ ବାଘଶାଲା ଗ୍ରାମର କୁମ୍ଭାର ସାହି ବାସିନ୍ଦା ଆର. ଆପନ୍ନା ଓ ଆର୍. ଚନ୍ଦ୍ରମାଙ୍କ କନିଷ୍ଠ ଝିଅ ସରସ୍ୱତୀଙ୍କ ଦୁଇଟି କିଡ୍‌ନୀ ଖରାପ୍ ଯୋଗୁ ସେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଦୀର୍ଘ ବର୍ଷ ହେଲା ସେ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଏବେ ସେ ଚଲାବୁଲା କରିବା ମଧ୍ୟ ସମ୍ଭବ ହୋଇପାରୁନାହିଁ। ଆପନ୍ନାଙ୍କ ୪ ଝିଅ ହୋଇଥିବାବେଳେ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ। ୬ବର୍ଷ ତଳେ ଦଶମ ଶ୍ରେଣୀରେ ପଢୁଥିବା ଗୋଟିଏ ଝିଅକୁ ଏହିପରି କିଡ୍‌ନୀ ରୋଗରେ ହରାଇଥିଲେ। ଟଙ୍କା ଅଭାବ ଯୋଗୁ ଠିକ୍ ସମୟରେ ଚିକିତ୍ସା ହୋଇ ନ ପରି ତାଙ୍କର ମୃତ୍ୟୁ ହୋଇଥିଲା। ଏବେ ସରସ୍ୱତୀଙ୍କୁ ନେଇ ମା' ବାପାଙ୍କ ଆଖିରୁ ଲୁହ ଶୁଖୁନି। ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ସରସ୍ୱତୀ ଏବେ ଚିକିତ୍ସାଧୀନ ଅଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଆଶାକର୍ମୀଙ୍କୁ ଡେଙ୍ଗୁ: ୬୦ରୁ ଉର୍ଦ୍ଧ୍ୱ ଜ୍ୱରରେ ଆକ୍ରାନ୍ତ

**ଗୋଷାଣୀ,୧୨।୯(ଡି.ଏନ୍.ଏ.)**

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଞ୍ଚଳରେ ପ୍ରଥମ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୬୦ରୁ ଉର୍ଦ୍ଧ୍ୱ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ, ବାଘଶାଲା ଗ୍ରାମର ଅଶାକର୍ମୀ ରାଧାରାଣୀ ପାଣିଗ୍ରାହୀ(୪୫) ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ସେ ବ୍ରହ୍ମପୁର ବଡ ମେଡିକାଲ ଡେଙ୍ଗୁ ୱାର୍ଡରେ ଚକିତ୍ସାଧୀନ ଅଛନ୍ତି। ସେହିପରି ଅନେକ ଲୋକ ଜ୍ୱରରେ ଆକ୍ରାନ୍ତ ହୋଇ ପାରଳାଖେମୁଣ୍ଡିସ୍ଥିତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତଥାପି ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୋଣସି ପଦକ୍ଷେପ ଗ୍ରହଣ

**ସଫେଇ ହେଉନି ନାଳ, ନର୍ଦ୍ଦମା**

କରାଯାଇ ନ ଥିବା ଗ୍ରାମର ବସନ୍ତ ରାଓ, ଦାମୋଦର ରାଓ, ପି. ଆପଲ ସ୍ୱାମୀ, ଆର. ଅପନା ପ୍ରମୁଖ ଅଭିଯୋଗ କରିଛନ୍ତି। ନାଳ, ନର୍ଦ୍ଦମା ସଫେଇ ନ ହେବା ଯୋଗୁ ମଶାଙ୍କ ବଂଶ ବୃଦ୍ଧି ପାଉଛି ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଡେଙ୍ଗୁ ଚିହ୍ନଟ ହେବାପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେଣୁ ଅଞ୍ଚଳର ନାଳ, ନର୍ଦ୍ଦମା ଗୁଡ଼ିକୁ ସଫା କରିବା ସହ ଡେଙ୍ଗୁ ନିରାକରଣ ଓ ସଚେତନତା ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# କେନାଲ ସଫେଇ ନେଇ ଦାବିପତ୍ର

**ଗୁଣପୁର,୧୨।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତର ଶ୍ରୀରାମପୁର ଏବଂ ସନ୍ୟାସିପୁର ମାଇନର କେନାଲରେ ଥିବା ଗଛକୁ ଦୀର୍ଘବର୍ଷ ଧରି ସଫେଇ ହେଉନାହିଁ । ଫଳରେ କେନ୍ଦୁଗୁଡା ବଡନାଳ ପ୍ରକଳ୍ପରୁ ଏହି ମାଇନର କେନାଲ ଦେଇ ଆସୁଥିବା ପାଣି ଠିକ ଭାବେ ଚାଷୀଙ୍କ ବିଲକୁ ମାଡି ପାରୁ ନାହିଁ । ତେଣୁ ଗୁରୁବାର ଉକ୍ତ ଗ୍ରାମବାସୀ ଉପଜିଲାପାଳ ଡ଼. ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ୭ ବର୍ଷ ହେଲା ଉଭୟ ଗ୍ରାମର ଲୋକମାନେ କେନାଲ ପାର୍ଶ୍ୱର ଜମି ସଫେଇ କରିଆସୁଛନ୍ତି । ଏନେଇ ଜଳସେଚନ ବିଭାଗ ନିକଟରେ ଅଭିଯୋଗ କଲେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ହେଲେ ଜଳସେଚନ ବିଭାଗର ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ତୁମେମାନେ ନିଜେ ସଫା କର, ନଚେତ ପାଣି ଦିଆଯିବ ନାହିଁ ବୋଲି ଓଲଟା ଚେତାବନୀ ଶୁଣାଉଛନ୍ତି । କେନାଲ ସଫା ନାମରେ ଟଙ୍କା ଆସୁଛି । ହେଲେ ଗ୍ରାମର ଲୋକମାନେ ଏହାକୁ ସଫା କଲେ ମଧ୍ୟ ସେମାନଙ୍କୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରାଯାଉନାହିଁ । ଏହା ସଫା ନ ହେଲେ ଦୁଇ ଗ୍ରାମର ଚାଷୀ ପାଣି ପାଇବାରୁ ବଞ୍ଚିତ ହେବେ । ସଂପୃକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ୮ ବର୍ଷହେବ ଏଠାରେ ରହି ଆସୁଥିବାରୁ ତାଙ୍କ ଇଛା ମୁତାବକ କାମ କରିବା ସହ ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି । ତାଙ୍କୁ ଏଠାରୁ ତୁରନ୍ତ ବଦଳି କରାଯିବା ସହ ସଫେଇ ଦିଗରେ ବିହିତ ପଦକ୍ଷେପ ନିଆଯିଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ କର

**କାଶୀନଗର, ୧୨।୯ (ଡି.ଏନ୍.ଏ.)**

କାଶୀନଗର ବ୍ଲକ୍ ପରିସରରେ ଗୁରୁବାର ବିଭିନ୍ନ ଭତ୍ତା ଓ ୧୨ ପଞ୍ଚାୟତର ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ବ୍ଲକ୍ ଅଧକ୍ଷ ଚିତ୍ରୀ ସିମାଦ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ କେ. ନାରାୟଣ ରାଓ, ଜିଲା ପରିଷଦ ଅଧକ୍ଷା ଅନୀତା ରାଣୀ ବେହେରା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା, କଲ୍ୟାଣୀ ଗଜପତି, ଜିଲା ପରିଷଦ ସଦସ୍ୟା ଡି. ଭାଗ୍ୟଲକ୍ଷ୍ମୀ, ସୁକାନ୍ତି ଶବର ମଞ୍ଚାସୀନ ଥିଲେ । ବ୍ଲକ୍‌ର ୧୨ଟି ପଞ୍ଚାୟତର ୪୪୬ଜଣଙ୍କୁ ବିଭିନ୍ନ ଭତ୍ତା ଏବଂ ୨୩୨ଜଣଙ୍କୁ ଆବାସ କାର୍ଯ୍ୟାଦେଶ ଓ ୨୩ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧକ୍ଷ ସ୍ୱାଗତ ଭାଷଣ ରଖିଥିବାବେଳେ ବିଡିଓ ପ୍ରଣବ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା

**ଆବାସ କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ**

କରିଥିଲେ। ହିତାଧିକାରୀମାନେ ନିଜ ସ୍ୱପ୍ନର ଘର ତିଆରି କରିବା ପରେ ଆଗାମୀ ନୂତନ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୃହପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ତେଣୁ ତୁରନ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ଏମ୍‌ପି ସାହୁ ନିବେଦନ କରିଥିଲେ। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ କରିବା ପାଇଁ ଜନସାଧାରଣଙ୍କୁ ସେ ନିବେଦନ କରିଥିଲେ। ସେହିପରି ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ବିଭିନ୍ନ ଯୋଜନାର ଲାଭ ଉଠାଇବା ପାଇଁ ବିଧାୟକ ରାଓ କହିଥିଲେ। ଶେଷରେ ଏବିଡିଓ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ନୂତନ ଛାତ୍ରୀଙ୍କୁ ସ୍ୱାଗତ, ପ୍ରତିଭା ସମ୍ମାନ

**କୋଦଳା,୧୨।୯(ଡି.ଏନ୍.ଏ.)**

କୋଦଳା ବୃନ୍ଦାବନ ପାଣ୍ଡି ମହିଳା ବିଜ୍ଞାନ ମହାବିଦ୍ୟାଳୟରେ ଗୁରୁବାର ଚଳିତ ବର୍ଷର କଳା ଓ ବିଜ୍ଞାନ ବିଭାଗ ନୂତନ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୃନ୍ଦାବନ ପାଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ସରୋଜିନୀ ବ୍ରହ୍ମା ଅଧକ୍ଷତା କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ, ମୁଖ୍ୟବକ୍ତା ଶିକ୍ଷା ବିଭାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ମହାପାତ୍ର, ଇଂ ବାଞ୍ଛାନିଧି ଦାଶ, କୋଦାଳ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ. ପଦ୍ମ ଚରଣ ପାଢୀ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ସମ୍ମାନିତ ସହ ସମ୍ବର୍ଦ୍ଧିତ କରିଥିଲେ। ଏମ୍‌ପି ବିଷୋୟୀ ଓ ବିଧାୟିକା ପ୍ରଧାନ ଉକ୍ତ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ।


ମଞ୍ଚାସୀନ ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

### କୀଟନାଶକ ଦ୍ରବ୍ୟର ବ୍ୟବହାର ନେଇ ତାଲିମ

**ଟିକିରି,୧୨।୯(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ କୃଷି ବିଭାଗ ପକ୍ଷରୁ ବିଷାକ୍ତ କୀଟନାଶକ ଦ୍ରବ୍ୟର ପ୍ରୟୋଗ ନେଇ ଚାଷୀଙ୍କୁ ସଚେତନତା କରାଯାଉଛି । ଗୁରୁବାର ଟିକିରିସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହଠାରେ ଅନୁଷ୍ଠିତ ଶିବିରରେ ଧାନ ଓ ଅନ୍ୟାନ୍ୟ ଫସଲରେ କୀଟନାଶକ ପ୍ରୟୋଗ ବେଳେ ଅବଲମ୍ବନ କରିବାକୁ ଚାଷୀମାନଙ୍କୁ ବିଭାଗୀୟ କୃଷି ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଫସଲରେ ରୋଗପୋକ ହେଲେ ତୁରନ୍ତ କୃଷି ବିଭାଗ ଅଧିକାରୀ ସହିତ ପରାମର୍ଶ କରି ଠିକ୍‌ମାତ୍ରାରେ କୀଟ ନାଶକ ଦ୍ରବ୍ୟ ପ୍ରୟୋଗ କରିବାକୁ ଅଧିକାରୀମାନେ ତାଲିମ ଦେଇଥିଲେ । ସେହିପରି ବିଷାକ୍ତ କୀଟନାଶକ ଦ୍ରବ୍ୟର ପ୍ରୟୋଗ ବେଳେ ମୁହରେ ମାସ୍କ ପରିଧାନ କରିବାକୁ କୁହାଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ସରପଞ୍ଚ କୁମାରୀ ପିଡ଼ିକା ସହ ଅନ୍ୟ ପଞ୍ଚାୟତ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଅତିରିକ୍ତ ଜିଲାପାଳଙ୍କ ଶେରଗଡ ଗସ୍ତ

# ତହସିଲ, ସବ୍ ରେଜିଷ୍ଟ୍ରାର କାର୍ଯ୍ୟ ସମୀକ୍ଷା

**ଶେରଗଡ,୧୨।୯(ଡି.ଏନ.ଏ.)**

ଶେରଗଡ ତହସିଲ କାର୍ଯ୍ୟାଳୟକୁ ଗଞ୍ଜାମ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ ଗୁରୁବାର ଗସ୍ତକରି ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟର ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ ସେଠୀ ଜମିଜମା ରେକର୍ଡ ଯାଞ୍ଚ କରିବା ସହ ଆୟର ସମୀକ୍ଷା କରିଥିଲେ। ରାଜସ୍ୱ ଆଦାୟ ବଢାଇବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ତହସିଲର ସମସ୍ତ ୯ଟି ରାଜସ୍ୱ ସର୍କଲର କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଶେରଗଡ ତହସିଲ ଜମିଜମା, ମ୍ୟୁଟେସେନ କେସ ଓ ଦୀର୍ଘଦିନ ଧରି ଅଟକି ଥିବା କେସ୍ ସମ୍ପର୍କରେ ପଚାରି ବୁଝିଥିଲେ। ଲୋକ ମାନଙ୍କୁ ଉତ୍ତମ ସେବା ଯୋଗାଇବାକୁ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ତହସିଲର ବରିଷ୍ଠ କିରାଣି ଓ ଅନ୍ୟାନ୍ୟ ପଦବୀ ଖାଲିଥିବା ସମ୍ପର୍କରେ ଉପଜିଲାପାଳ ସେଠୀଙ୍କୁ ଅବଗତ


ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ସମୀକ୍ଷା କରୁଛନ୍ତି।

କରାଯାଇଥିଲା। ସବ୍‌ରେଜିଷ୍ଟ୍ରାର କୋଠା ପାଇଁ ଅର୍ଥ ଆସିନାହିଁ, ଆସିଲେ ତୁରନ୍ତ କୋଠା ନିର୍ମାଣ ହେବ ବୋଲି ସେ କହିଥିଲେ। ପରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି. ପଞ୍ଚମା, ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହାକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସପ୍ତାହେ ହୋଇନି, ବଦଳିଲେ ନୂଆ ବିଡିଓ

■ ୬ ବର୍ଷରେ ୭ ବିଡିଓ ଗଲେଣି
■ ରାଜନୈତିକ ହୀନମନ୍ୟତାର ଶିକାର
■ ବଳି ପଡୁଛି ବୈପାରୀଗୁଡ଼ାର ବିକାଶ

କଳ୍ପତରୁ ମହାନ୍ତି
ବୈପାରୀଗୁଡ଼ା, ୧୨।୯

ବୈପାରୀଗୁଡ଼ା ବିଡିଓ ଭାବେ ଗତ ୬ ତାରିଖ ଦାୟିତ୍ୱ ନେଇଥିଲେ ସବ୍ୟସାଚି ବେହେରା। ଯୋଗଦେବାର ମାତ୍ର ୬ ଦିନ ହୋଇଥିବା ବେଳେ କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ହଠାତ୍ ତାଙ୍କୁ ଏଠାରୁ ସେମିଳିଗୁଡ଼ା ବ୍ଲକକୁ ବଦଳି ପାଇଁ ନିର୍ଦ୍ଦେଶ ଆସିଛି। ଗତ ମାର୍ଚ୍ଚରୁ ଅଗଷ୍ଟ ପର୍ଯ୍ୟନ୍ତ ଏହି ପଦବୀ ଖାଲି ପଡ଼ିବା ପରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବିଡିଓ ଭାବେ ଯୋଗ ଦେଇଥିଲେ ବେହେରା। ତାଙ୍କର ଏଭଳି ଆକସ୍ମିକ ବଦଳି ଖବର ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ଉଲ୍ଲେଖନୀୟ କଥା ହେଉଛି, ଗତ ୬ ବର୍ଷ ଭିତରେ ୭ ଜଣ ବିଡିଓ ଏଠାରୁ ବଦଳି ହେଲେଣି। ରାଜନୈତିକ ହୀନମନ୍ୟତା ଯୋଗୁ ବଳି ପଡୁଛି ବୈପାରୀଗୁଡ଼ାର ବିକାଶ।

ପ୍ରକାଶ ଯେ, ବୈପାରୀଗୁଡ଼ା ବ୍ଲକରେ ଗତ ମାର୍ଚ୍ଚରୁ ବିଡିଓ ପଦବୀ ଖାଲି ପଡ଼ିବା ପରେ ଦଶମନ୍ତପୁର ଏବିଡିଓ ରଜନୀକାନ୍ତ ଦାସଙ୍କୁ ଏଠାକୁ ଡେପୁଟେସନ୍‌ରେ ଅଣାଯାଇଥିଲା। ବ୍ଲକରେ ବିଡିଓ, ତହସିଲଦାର ଓ ଥାନା ଅଧିକାରୀ ସମେତ ବହୁ ପଦବୀ ଖାଲି ଥିବା ନେଇ ଗତ ୨୮ ତାରିଖ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହାପରେ ସେହିଦିନ ପୂର୍ବରୁ କୋରାପୁଟ ଡେପୁଟି କଲେକ୍ଟର ଥିବା ସବ୍ୟସାଚି ବେହେରାଙ୍କୁ ଏଠାରେ ବିଡିଓ ଭାବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥିଲା। ପରେ ସେ ବୈପାରୀଗୁଡ଼ା ବିଡିଓ ଭାବେ ଯୋଗଦେଇ ବ୍ଲକ ବିକାଶର ରୂପରେଖ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ଗୁରୁବାର ତାଙ୍କର ଆକସ୍ମିକ ବଦଳି ହୋଇଛି। ସେ ଯୋଗଦେବା ପୂର୍ବରୁ ତାଙ୍କ ନିଯୁକ୍ତି ନିର୍ଦ୍ଦେଶକୁ ବାତିଲ କରିବା ପାଇଁ ଅଞ୍ଚଳର ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଭୁବନେଶ୍ୱରରେ ଡେରା ପକାଇଥିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ତାହା ଏବେ ସତ ହୋଇଛି। କାରଣ ବଦଳି ଆଦେଶରେ ସବ୍ୟସାଚିଙ୍କ ସ୍ଥାନାରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ।

ଉଲ୍ଲେଖଯୋଗ୍ୟ, ଗତ ୬ ବର୍ଷ ଭିତରେ ଏଠାରୁ ୭ ଜଣ ବିଡିଓ ବଦଳି ହେଲେଣି। ସେମାନଙ୍କ ମଧ୍ୟରୁ ୨ ଜଣ ଏବିଡିଓ ଭାରପ୍ରାପ୍ତ ଅଧିକାରୀ ଭାବେ ରହିଥିଲେ। ୨୪ ମାର୍ଚ୍ଚ ୨୦୧୪ରେ ସୁବାସ ଚନ୍ଦ୍ର ସିଂ ବିଡିଓ ଭାବେ ଆସିଥିଲେ। ତାଙ୍କ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ ହୋଇ ଶାସକ ଦଳର ଏକ ଗୋଷ୍ଠୀ ହୋହଲ୍ଲା କରିବାରୁ ୯ ଫେବୃୟାରୀ ୨୦୧୬ରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ମାତାରମା ଲେୟାଙ୍ଗି ବିଡିଓ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାଳ ୨ ବର୍ଷ ନ ପୂରୁଣୁ ତାଙ୍କ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ କେତେକ ଶାସକ ଦଳ ଗୋଷ୍ଠୀ ପୂର୍ବତନ ବିଡିଓ ସୁବାସ ଚନ୍ଦ୍ର ସିଂଙ୍କ ସହ ସଲାସୁତରା କରି ପୁଣି ତାଙ୍କୁ ଏଠାକୁ ବଦଳି କରି ଆଣିଥିଲେ। ୨୦୧୮ ମେ'ରେ ସେ ଦାୟିତ୍ୱ ନେଇଥିଲେ। ପୁନଶ୍ଚ ତାଙ୍କ କାର୍ଯ୍ୟଶୈଳୀକୁ ନେଇ ଗୋଟିଏ ଗୋଷ୍ଠୀ ତାଙ୍କ ସପକ୍ଷରେ ଏବଂ ଅନ୍ୟ ଏକ ଗୋଷ୍ଠୀ ତାଙ୍କ ବିପକ୍ଷରେ ଥିଲେ। ବିପକ୍ଷବାଦୀଙ୍କ ଚାପରେ କାର୍ଯ୍ୟକାଳ ବର୍ଷେ ନ ପୂରୁଣୁ ଚଳିତ ବର୍ଷ ଫେବୃୟାରୀ ୨୮ରେ ତାଙ୍କର ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ୬ ମାସ ତଳେ ଏଠାରେ ଅବସ୍ଥାପିତ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ ବିଡିଓ ଭାବେ ସେହି ୨୮ ତାରିଖରେ ଦାୟିତ୍ୱ ନେଇଥିଲେ। ତେବେ ପୂର୍ବତନ ବିଡିଓଙ୍କ ସପକ୍ଷବାଦୀଙ୍କ ପ୍ରରୋଚନାରେ ଯୋଗଦେବାର ମାତ୍ର ୩ ଦିନରେ ଅର୍ଥାତ୍ ମାର୍ଚ୍ଚ ୩ରେ ତାଙ୍କୁ ନବରଙ୍ଗପୁର ଜିଲାକୁ ବଦଳି କରାଯାଇଥିଲା। ଏଭଳି ହେବା ଦ୍ୱାରା ଅଞ୍ଚଳର ବିକାଶ ପ୍ରଭାବିତ ହେବା ସହ ଦୁର୍ନୀତି ପ୍ରଶ୍ରୟ ପାଉଥିବା ସାଧାରଣରେ ଆଲୋଚନା ହେଉଛି।

## ୭ ମାସ ହେବ ତହସିଲଦାର ପଦବୀ ଖାଲି

ବୈପାରୀଗୁଡ଼ା, ୧୨।୯ (ଡି.ଏନ୍.ଏ.)

ବୈପାରୀଗୁଡ଼ା ତହଲିସଦାର ପଦବୀ ଗତ ୭ ମାସ ହେବ ଖାଲି ପଡ଼ିଛି। ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ସାହୁ ଉକ୍ତ ଦାୟିତ୍ୱରେ ରହିଛନ୍ତି। ତହଲିସ ଅଫିସରେ ଦିନକୁ ଦିନ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାମ ଲଦି ଦିଆଯାଉଥିବା ବେଳେ ଜଣେ ମାତ୍ର ଅଧିକାରୀ ସେସବୁ ସମ୍ଭାଳିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୧୮ ମେ ୧୦ରେ ଜ୍ୟୋତି ପ୍ରକାଶ ସେଠୀ (ଓଏଏସ୍) ଏଠାରେ ତହସିଲଦାର ଭାବେ ଅବସ୍ଥାପିତ ହୋଇଥିଲେ। ବର୍ଷେ ନ ପୂରୁଣୁ ଗତ ମାର୍ଚ୍ଚ ୨ରେ ତାଙ୍କୁ ଏଠାରୁ ବଦଳି କରାଯାଇଥିଲା। ସେ ମଧ୍ୟ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଥିଲେ। ସେ ସମୟରେ ବିଡିଓ ସୁବାସ ଚନ୍ଦ୍ର ସିଂଙ୍କୁ ଏଠାରୁ ହଟାଇବା ପାଇଁ ଏକ ଗୋଷ୍ଠୀ ଜୋରଦାର ପ୍ରୟାସ କରୁଥିବା ବେଳେ ଅନ୍ୟ ଏକ ସପକ୍ଷବାଦୀ ଗୋଷ୍ଠୀ ତାଙ୍କୁ ଏଠାରେ ରଖିବା ପାଇଁ ଅନୁରୂପ ଚେଷ୍ଟା ଚଳାଇଥିଲେ। ତହସିଲଦାରଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିଦେଲେ କେହି ରିଲିଭର ନ ରହିବା କାରଣରୁ ବିଡିଓଙ୍କ ବଦଳି ଆଦେଶ ବାତିଲ କରିବା ପାଇଁ ଏପରି କରାଯାଇଥିଲା। ଫଳରେ ସଂପୃକ୍ତ ତହସିଲଦାର ବିଡିଓ ଦାୟିତ୍ୱ ନେବାର ୩ ଦିନ ଭିତରେ ବଦଳି ହୋଇ ଅନ୍ୟତ୍ର ଚାଲିଯାଇଥିଲେ।

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ପଟ୍ଟାଙ୍ଗି, ୧୨।୯ (ଡି.ଏନ୍.ଏ.): ପଟ୍ଟାଙ୍ଗି ବସ୍‌ଷ୍ଟାଣ୍ଡ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ବଣିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିପାଇଁ ପୂଜକ ନରେନ୍ଦ୍ର ପତିଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିଲା। ସଂଘ ପକ୍ଷରୁ ୫ ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ହୋଇ ଆସୁଛି। ଅକ୍ଟୋବର ୧୩ରେ ଏହି ପୂଜା ହେବାକୁ ଥିବାବେଳେ ସ୍ଥାନୀୟ ତହସିଲଦାର ଡ. ଅରୁଣ ଖଣ୍ଡା ଏବଂ ସରପଞ୍ଚ ଭଗବାନ ଖରାଙ୍କ ସମେତ ବ୍ଲକର ସମସ୍ତ ଦୋକାନୀଙ୍କ ଉପସ୍ଥିତିରେ ଗତ ୭ ତାରିଖ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ପୂଜାର୍ଚ୍ଚନାରୁ ଆରମ୍ଭ କରି ସାଜସଜ୍ଜା ପାଇଁ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କମିଟିର ସଦସ୍ୟ ଅଜିତ ଚୌଧୁରୀ ପ୍ରକାଶ କରିବା ସହ ଗତ ପୂଜାର ଖର୍ଚ୍ଚ ହିସାବ ଉପସ୍ଥାପନ କରିଥିଲେ।

### ଅଟୋ ଚାଳକଙ୍କ ଦୌରାତ୍ମ୍ୟ ରୋକିବ ପୋଲିସ

ଜୟପୁର, ୧୨।୯ (ନି.ପ୍ର.): ଜୟପୁର ସହରରେ ଅଟୋ ଚାଳକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଅଧିକାଂଶ ଅଟୋ ନାବାଳକମାନେ ଚଳାଉ ଥିବାବେଳେ ଅଧାରୁ ଅଧିକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନାହିଁ। ଏହାସହ ଅନ୍ୟ ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୋଲିସ ସହରରେ ବୁଲୁଥିବା ଅଟୋକୁ ନମ୍ବରିଙ୍ଗ କରିବା ଆରମ୍ଭ କରିଛି। ପୋଲିସ ସହରରେ ବୁଲି ଅଟୋବାଲାଙ୍କୁ ଅଟକାଇ ନମ୍ବରିଙ୍ଗ କରୁଛି। ଅଟୋ ନମ୍ବର, ମାଲିକ ନାମ, ମୋବାଇଲ ନମ୍ବର ସବୁ ତଥ୍ୟ ସଂଗ୍ରହ କରି ରଖୁଛି। ବର୍ତ୍ତମାନ ୫୦ଟି ଅଟୋର ନମ୍ବରିଙ୍ଗ ହୋଇଥିବା ବେଳେ ଡ୍ରାଇଭିଂ ଲାଇସେନ୍ସ, ଅଟୋ ମାଲିକଙ୍କ ନମ୍ବର ଓ ଆର୍‌ସି ବୁକ୍ ନମ୍ବର ଚାଳକଙ୍କ ପଛପଟେ ଲାଗିବ। କିଛି ଅପ୍ରୀତିକର ପରିସ୍ଥିତି ହେଲେ ଯାତ୍ରୀମାନେ ସିଧାସଳଖ ଅଭିଯୋଗ କରିବେ ଓ ପୋଲିସ ପଦକ୍ଷେପ ନେବ। ବିଶେଷ କରି ନାବାଳକ ଚାଳକମାନଙ୍କୁ ଧରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

### ଅକ୍ଟୋବର ୧୫ରେ ଏୟାରଫୋର୍ସ ପାଇଁ ନିଯୁକ୍ତିମେଳା

କୋରାପୁଟ, ୧୨।୯ (ସ୍ୱ.ପ୍ର): ଅକ୍ଟୋବର ୧୫ରେ ଏୟାରଫୋର୍ସରେ ନିଯୁକ୍ତି ପାଇଁ ରାଜ୍ୟସ୍ତରୀୟ ଚୟନ ଶିବିର କୋରାପୁଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏନେଇ ଗୁରୁବାର କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏୟାରଫୋର୍ସର ଆର୍.ଏଲ୍. ରାୱତ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, କୋରାପୁଟ ଉପଜିଲାପାଳ ଲଳିତ କହଁର, ଜୟପୁର ଉପଜିଲାପାଳ, କୋରାପୁଟ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା କର୍ମ ନିୟୋଜନ ଅଧିକାରୀ ଉପସ୍ଥିତ ଥିଲେ।



ଦଶମନ୍ତପୁର ବ୍ଲକ କାଳିଆମ୍ବ ଗ୍ରାମର ଜଣେ ଗର୍ଭବତୀଙ୍କୁ ଭାରରେ ବୋହି ଡାକ୍ତରଖାନା ନିଆଯାଉଛି।

## ଖଟିଆରେ ୫ କି.ମି. ବୁହାହେଲେ ଗର୍ଭବତୀ

ଦଶମନ୍ତପୁର, ୧୨।୯ (ଡି.ଏନ୍.ଏ.)

ଅତି ଖରାପ ରାସ୍ତା ଯୋଗୁ ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ କାଳିଆମ୍ବ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରି ନଥିଲା। ଗ୍ରାମର ଉମାକାନ୍ତ ବିଶୋଇଙ୍କ ସ୍ତ୍ରୀ ହର୍ଷମଣିଙ୍କୁ ଖଟିଆରେ ବୋହି ୫ କିମି ନିଆଯିବା ପରେ ସେଠାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସନ୍ଧ୍ୟାରେ ହର୍ଷମଣି ସେଠାରେ ଶିଶୁପୁତ୍ର ଜନ୍ମ ଦେଇଥିବା ଜଣାପଡ଼ିଛି।

■ ଛାତ୍ରଙ୍କୁ ଶ୍ରେଣୀଗୃହରେ ତାଲା ଦେବା ଘଟଣା

## ତଦନ୍ତ କଲେ ସିଡବ୍ଲ୍ୟୁସି ଅଧକ୍ଷା, ଡିସିପିଓ

ଜୟପୁର, ୧୨।୯ (ଡି.ଏନ୍.ଏ.)

ଜୟପୁର ସହର ସୂର୍ଯ୍ୟମହଲ ସ୍ଥିତ ଏକ ଘରୋଇ ଇଂରାଜି ବିଦ୍ୟାଳୟର ପ୍ରଥମ ଶ୍ରେଣୀର ଛାତ୍ରଙ୍କୁ ଶ୍ରେଣୀଗୃହରେ ତାଲା ଦେବା ଘଟଣାରେ ଗୁରୁବାର ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଅଧକ୍ଷା ବି. ଗାୟତ୍ରୀ ଦେବୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ରାଜଶ୍ରୀ ଦାସ ତଦନ୍ତ କରିଛନ୍ତି। ସେମାନେ ମିଳିତ ଭାବେ ବିଦ୍ୟାଳୟ, ପୀଡ଼ିତ ଛାତ୍ରଙ୍କ ଘରେ ଓ ଟାଉନଥାନାରେ ପହଞ୍ଚି ପଚରାଉଚୁରା କରିଛି। ପ୍ରଥମେ ସ୍ଥାନୀୟ ରାଜୁସାହିସ୍ଥିତ ପୀଡ଼ିତ ଛାତ୍ରଙ୍କ ଘରେ ପହଞ୍ଚି ତଦନ୍ତକାରୀ ଦଳ ଡାକ୍ତର ଧବଳେଶ୍ୱର ମେହେର ଓ ତାଙ୍କ ସ୍ତ୍ରୀ, ଝିଅଙ୍କ ସହ ଆଲୋଚନା କରିଥିଲେ। ପୀଡ଼ିତ ଛାତ୍ର ଓ ତାଙ୍କ ଭଉଣୀ ଭୟରେ ୪ଦିନ ହେଲାଣି ସ୍କୁଲ ଯାଉନାହାନ୍ତି। ସେମାନେ ସ୍କୁଲ ଅଧକ୍ଷ ଅନୁପ ୱିନଷ୍ଟନ ଏମ୍ରୋସଙ୍କୁ ଭେଟିଥିବା ବେଳେ ସେ ଏଭଳି କିଛି ଘଟି ନଥିବା କହିଛନ୍ତି। ଅଭିଯୁକ୍ତ ଶିକ୍ଷୟିତ୍ରୀ ସ୍କୁଲରେ ଅନୁପସ୍ଥିତ ରହିଛନ୍ତି। ଟାଉନଥାନା ପୋଲିସ ନେଇଥିବା ପଦକ୍ଷେପ ମଧ୍ୟ ଯାଞ୍ଚ କରିଥିଲା ଦଳ।

## ହିତାଧିକାରୀଙ୍କୁ ଦିଆଯାଉଛି ପୋକରା ଚାଉଳ

କୋଟପାଡ଼, ୧୨।୯ (ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ବ୍ଲକ ସୁତିପଦର ପଞ୍ଚାୟତ ଡଙ୍ଗରି ଗ୍ରାମରେ ଲୋକଙ୍କୁ ପୋକରା ଚାଉଳ ବଣ୍ଟାଯାଉଥିବା ନଜରକୁ ଆସିଛି। କୋଟପାଡ଼ ଯୋଗାଣ ବିଭାଗ ଦେଉଥିବା ଚାଉଳ ଗୋଦାମରେ ଗଚ୍ଛିତ ରହିଥିବା ବେଳେ ଏହାର ମାନ ଯାଞ୍ଚ କରା ନ ଯାଇ ପ୍ରତ୍ୟେକ ପଞ୍ଚାୟତ, ସ୍କୁଲକୁ ଯୋଗାଇ ଦିଆଯାଉଛି। କୋଟପାଡ଼ କୁସୁମି ଯିବା ରାସ୍ତାରେ ସରକାରୀ ଚାଉଳ ଗୋଦାମ ଗୃହ ରହିଥିବା ବେଳେ ସେଠାରୁ ପ୍ରତ୍ୟେକ ଅଞ୍ଚଳକୁ ଚାଉଳ ଯୋଗାଯାଉଛି। ଉକ୍ତ ଗୋଦାମରେ କେତେ ଚାଉଳ ଆସୁଛି, କେଉଁ ମିଲ୍‌ରୁ ଆସୁଛି, କେଉଁ ଅଞ୍ଚଳକୁ କେଉଁ ଗାଡ଼ିରେ ପଠାଯାଉଛି, ତାହାର ସୂଚନା ମିଳିପାରୁ ନାହିଁ। ଗତ ୨୦ ଅଗଷ୍ଟରେ ଡଙ୍ଗରି ଗ୍ରାମକୁ ୪୧ କୁଇଣ୍ଟାଲ ୩୮ କେଜି ଚାଉଳ ପଠାଯାଇଥିଲା। ଏହା ଦୁଇ ମାସର ଚାଉଳ ହୋଇଥିବା ବେଳେ ଦିଆଯାଇଥିବା ଚାଉଳରେ ପୋକ ସାଲୁବାଲୁ ହେଉଛନ୍ତି। ବର୍ତ୍ତମାନ ବର୍ଷା ଦିନ ହୋଇଥିବା ବେଳେ ଲୋକେ ବାଧ୍ୟହୋଇ ରାଶନକାର୍ଡ ମାଧ୍ୟମରେ ଉକ୍ତ ଚାଉଳ ନେଉଛନ୍ତି। ଏହାକୁ ନେଇ ଚାଉଳ ଡିପୋ ମାଲିକ ଯୋଗାଣ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ବର୍ତ୍ତମାନ ଉକ୍ତ ଚାଉଳ ନିମ୍ନମାନର ପୋକ ଚାଉଳ ହୋଇଥିବା ବେଳେ କିଭଳି ଏହା ବଣ୍ଟାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ପଞ୍ଚାୟତ, ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ରକୁ ଏହି ପୋକ ଚାଉଳ ପଠାଯାଇଛି, ତାହାର ତଦନ୍ତ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ପିଇଓ ସୁଜିତ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ତାଙ୍କ ଗୋଦାମରେ ଚାଉଳ ଖରାପ ହୋଇଯାଇଛି। ଡଙ୍ଗରି ଗୋଦାମରେ ଚାଉଳ ଷ୍ଟକ୍ ରହିବାରୁ ତାହା ପୋକ ହୋଇଛି। ଉକ୍ତ ଚାଉଳ ବଦଳାଯାଇ ଭଲ ଚାଉଳ ଦିଆଯାଇଛି।



ପୋକ ଲାଗିଥିବା ନିମ୍ନମାନର ଚାଉଳ।

## ବାଉଁଶରାଣୀ ଖେଳ ପୋଷୁଛି ପେଟ

ଦାମନଯୋଡ଼ି, ୧୨।୯ (ଡି.ଏନ୍.ଏ.)

ଦାମନଯୋଡ଼ିର ଭେଜାପୁଟ ମାର୍କେଟ୍‌ରେ ଗୁରୁବାର ଦେଖିବାକୁ ମିଳିଛି ବାଉଁଶରାଣୀ ଖେଳ। ଜଣେ ଛୋଟି ଝିଅ ମୁଣ୍ଡରେ ଥାକ ଥାକ କଳସ ରଖି ବହୁଉଚ୍ଚରେ ଥିବା ଦଉଡ଼ିରେ ପାଦ ରଖି ଚାଲିବା ଦେଖଣାହାରୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଛି। କିନ୍ତୁ ଅନ୍ୟକୁ ମନୋରଞ୍ଜନ ଦେଇ ନିଜ ପେଟ ପୋଷୁଥିବା ଏହି ପରିବାର ଛତିଶଗଡ଼ର ବିଳାସପୁର ଅଞ୍ଚଳରୁ ଆସିଛନ୍ତି। ସେଠାକାର ଶିବ କୁମାରଙ୍କ ପରିବାର ଯାଯାବର ଭାବେ ବୁଲିବୁଲି ଏହି ଖେଳ ଦେଖାଇ ଜୀବନ ଜୀବିକା ନିର୍ବାହ କରୁଛନ୍ତି। ଏହା ତାଙ୍କ ବାପା, ଜେଜେବାପା ଅମଳରୁ ଚାଲିଆସୁଛି।



# ସେବା ସପ୍ତାହ ପାଳିବ ଭାଜପା

ଜୟପୁର, ୧୨।୯ (ଡି.ଏନ୍.ଏ./ନି.ପ୍ର.)



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଜୟପୁରସ୍ଥିତ ସାନ୍ଧ୍ୟ ଫଙ୍କସନ ହଲରେ ଆସନ୍ତା ୧୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ସେବା ସପ୍ତାହ ପାଳନ କରାଯିବ। ଏଥିପାଇଁ ୬ଟି ଜିଲାର ଭାଜପା କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ବାହିନୀପତିଙ୍କ ଆହ୍ୱାନକ୍ରମେ ସେବା ସପ୍ତାହ କାର୍ଯ୍ୟକ୍ରମର ଆବାହକ ମହେଶ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୪ରୁ ୨୦ ତାରିଖ ଯାଏ ସେବା ସପ୍ତାହ ପାଳନ କରାଯିବ। ସେପ୍ଟେମ୍ବର ୧୪ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜୀବନ ଆଧାରିତ ସାମଗ୍ରୀ ଓଡ଼ିଶାର ପ୍ରତି ଜିଲା ମୁଖ୍ୟାଳୟ ଓ ବିଧାନସଭା କ୍ଷେତ୍ରରେ ପ୍ରଦର୍ଶିତ ହେବ। ୧୭ରେ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୮ରେ ସମସ୍ତ ବିଧାୟକ ଏବଂ ମଣ୍ଡଳ ସ୍ତରରେ ପ୍ଲାଷ୍ଟିକ ଉପରେ ସଚେତନତା ସହ ଏହାକୁ ବର୍ଜନ କରିବା ପାଇଁ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ରହିଛି। ମାଲକାନଗିରି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେବେ। ୨୦ ତରିଖରେ ସମସ୍ତ ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରଚାର କରାଯିବ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ମହେଶ ମହାନ୍ତି, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଜୟରାମ ପାଙ୍ଗି, ବଳଭଦ୍ର ମାଝି, ଜିଲା ସଭାପତି ବିଜୟ ମିଶ୍ର, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଗୋବିନ୍ଦ ଜୈନ, କାଳୀରାମ ମାଝି, ଭବେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

# ଏନ୍‌ଏଚ୍, ବାଇପାସ୍ ପାଇଁ ତେଜୁଛି ଅସନ୍ତୋଷ

■ ମରାମତି, ନିର୍ମାଣ କାର୍ଯ୍ୟ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ସହ ବିଧାୟକଙ୍କ ଆଲୋଚନା

କୋରାପୁଟ, ୧୨।୯ (ସ୍ୱ.ପ୍ର.)

କୋରାପୁଟ ଜିଲା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସେହିପରି କୋରାପୁଟ ବାଇପାସ୍ ରାସ୍ତାକାମରେ ବିଳମ୍ବ ଘଟୁଛି। ଏହାକୁ ନେଇ ଲୋକେ ଅସନ୍ତୁଷ୍ଟ ଥିବାବେଳେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ ମଧ୍ୟ ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ଜିଲାପାଳଙ୍କ ସହ ତାଙ୍କ କାର୍ଯ୍ୟାଳୟରେ ଏହି ଦୁଇ ପ୍ରସଙ୍ଗ ଆଲୋଚନା କରିବା ବେଳେ ଏନ୍‌ଏଚ୍‌ର ମରାମତି ଓ ବାଇପାସ୍ କାମ ସାରିବାକୁ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ବିଶାଖାପାଟଣାରୁ କୋରାପୁଟ ଦେଇ ଛତିଶଗଡ଼ର ଜଗଦଳପୁର ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ହଜାର ହଜାର ଯାନବାହାନ ଚଳାଚଳ କରୁଛି। କିନ୍ତୁ ଏହି ରାଜପଥ ଏବେ ମରଣଯନ୍ତା ପାଲଟିଛି। ଜିଲାର ପଟ୍ଟାଙ୍ଗି, ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ସହର ଦେଇ ଏହି ରାଜପଥ ଯାଇଛି। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ବର୍ଷେ ନ ପୂରୁଣୁ ଶତାଧିକ ସ୍ଥାନରେ ୨ଫୁଟରୁ ଅଧିକ ଗଭୀରର ଗାତ ହେବା ସହ ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ମାଟି ଦେଖାଯାଉଛି। ଏଥିରେ ଦୈନିକ ଛୋଟବଡ଼ ଅନେକ ଦୁର୍ଘଟଣା ଘଟୁଥିବା ସହ ଗାଡ଼ିର ମେଣ୍ଟେନାନ୍ସ ବୃଦ୍ଧି ପାଉଛି। ଜାତୀୟ ରାଜପଥ ପ୍ରାଧିକରଣର ନିର୍ବାହୀ ଯନ୍ତ୍ରୀଙ୍କୁ ଏନେଇ ବାରମ୍ବାର କୁହାଯାଇଥିଲେ ମଧ୍ୟ ଫଳ କିଛି ହୋଇନାହିଁ। ରାସ୍ତାର ମରାମତି କାମ ତୁରନ୍ତ ଆରମ୍ଭ କରିବା ପାଇଁ ଜିଲାପାଳଙ୍କୁ କହିଛନ୍ତି କୋରାପୁଟ ବିଧାୟକ। ଅନ୍ୟପକ୍ଷରେ କୋରାପୁଟ ସହରରେ ଲୋକସଂଖ୍ୟା ବୃଦ୍ଧି ପାଇ ୫୦ ହଜାର ଟପିଥିବା ବେଳେ ଦୀର୍ଘ ଦିନ ହେବ ଏଠାରେ ବାଇପାସ୍ ନିର୍ମାଣ ହୋଇପାରୁ ନାହିଁ। ଫଳରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ତୁରନ୍ତ ଟେଣ୍ଡର ଦେଇ ପ୍ରସ୍ତାବିତ ବାଇପାସ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସେ କହିଛନ୍ତି। ସେହିପରି ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ କୋରାପୁଟ ମେଡିକାଲ କଲେଜକୁ ଏକ ଆମ୍ବୁଲାନ୍ସ ଯୋଗାଇଦେବେ ବୋଲି ବିଧାୟକ କହିଛନ୍ତି। ଜିଲା ପ୍ରଶାସନ ମଧ୍ୟ ଖୁବ୍ ଶୀଘ୍ର ୨ଟି ଆମ୍ବୁଲାନ୍ସ ଦେବ ବୋଲି ଜିଲାପାଳ ମିଶ୍ର ପ୍ରକାଶ କରିଛନ୍ତି।



କୋରାପୁଟ ଦେଇ ଯାଇଥିବା ୨୬ନଂ ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା।

